# ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲା ଘରୋଇ ବସ ସଂଘର ସମ୍ବର୍ଦ୍ଧନା



ମାଲକାନଗିରି, ୨୦।୩(ସମିସ): ମାଲକାନଗିରି ଜିଲ୍ଲା ଘରୋଇ ବସ୍ ସଂଘ ପକ୍ଷରୁ ନୂତନ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ସଂଘର ସଭାପତି ରାଜେଶ୍ୱରୀ ଦେବୀ ଓ ଅନ୍ୟାନ୍ୟ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଫୁଲ ତୋଡା ଦେଇ ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାରେ ବସ ସେବାକୁ ନେଇ ରହିଥିବା ସମସ୍ୟା ବିଷରେ ଆଲୋଚନା କରିଥିଲେ। ଏହାପରେ ସଂଘର ସଭାପତିଙ୍କ ଅଧକ୍ଷତାରେ ସଂଘ ପକ୍ଷରୁ ସଂଘୀୟ କାର୍ଯ୍ୟାଳୟରେ ଏକ ବୈଠକ କରଯାଇଥିଲା। ଯେଉଁଥିରେ ଜିଲ୍ଲା ସଂଘର ଆଇନ ଉପଦେଷ୍ଟା ରୂପେ ଜିଲ୍ଲା ଓକିଲ ସଂଘର ସଭାପତି କୁକୁ ସିଂକୁ ଚୟନ କରଯାଇଥିଲା। ଏଥିରେ ସଂଘର ସଦସ୍ୟ ଛବି ଦାସ, ଝୁଲା ରାଉତ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସଚିବଙ୍କ କୋରାପୁଟ ଗସ୍ତ

କୋରାପୁଟ,୨୦।୩(ସମିସ): ଦୁଇ ଦିନିଆ କୋରାପୁଟ ଗସ୍ତରେ ଆସିଥିବା ମତ୍ସ ଓ ପ୍ରାଣୀ ସମ୍ପଦ ବିକାଶ ସଚିବ ତଥା କୋରାପୁଟ ଜିଲ୍ଲା ନୋଡାଲ ଅଧିକାରୀ ପ୍ରେମଚାନ୍ଦ ଚୌଧୁରୀ ଆଜି କୋରାପୁଟ ଜିଲ୍ଲାର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ, ସରକାରୀ କାର୍ଯ୍ୟାଳୟ ଓ ଦେଓମାଳି ଗସ୍ତ କରି ଉନ୍ନୟନ ପ୍ରକଳ୍ପ ଗୁଡିକର କ୍ଷେତ୍ର ପରିଦର୍ଶନ କରିଥିଲେ। ଜିଲ୍ଲା ପ୍ରାଣୀଧନ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ତାଲିମ ନେଉଥିବା ପ୍ରାଣୀଧନ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଦୁଗ୍ଧ ଉତ୍ପାଦନ କେନ୍ଦ୍ର ସମବାୟ ସମିତିର ଚାଷୀଙ୍କ ସହ ଆଲୋଚନା ମଧ କରିଥିଲେ। ପରେ ସୁକୁ ଠାରେ ନିର୍ମାଣାଧୀନ ବ୍ରିଜ ପରିଦର୍ଶନ କରିବା ସହିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଲାଣ୍ଡିଗୁଡ଼ା ଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେମିଳିଗୁଡା ବ୍ଲକର ରାଜପୁଟ, ଲୁଙ୍ଗୁରି ଅଙ୍ଗନବାଡି କେନ୍ଦ୍ର ଓ ପଟ୍ଟାଙ୍ଗୀ ବ୍ଲକର ବାରାବନ୍ଧ ଠାରେ କରାଯାଉଥିବା ଷ୍ଟ୍ରବେରି ଚାଷର କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରୁ ଦେଓମାଳି ଗସ୍ତ କରି ବୁଲି ଦେଖିବା ସହିତ ଦେଓମାଳିର ବିକାଶ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ମତ୍ସ ଓ ପ୍ରାଣୀସମ୍ପଦ ବିକାଶ ସଚିବ ତଥା କୋରାପୁଟ ଜିଲ୍ଲା ନୋଡାଲ ଅଧିକାରୀ ପ୍ରେମଚାନ୍ଦ ଚୌଧୁରୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ସମୀକ୍ଷା ସହିତ ସମସ୍ତ ଯୋଜନା ଏବଂ ସମସ୍ୟା ଗୁଡ଼ିକର ସମାଧାନ ନେଇ ଆଲୋଚନା କରିଥିଲେ। ଜିଲ୍ଲାର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ସୂଚକ ଗୁଡ଼ିକର ସମୀକ୍ଷା କରିଥିଲେ। ଏହା ସହିତ ବିଶ୍ୱ ମାଛ ଦଳ ନୋଡାଲ ସଚିବଙ୍କୁ ପିଞ୍ଜରା ମତ୍ସ୍ୟପାଳନ ବ୍ୟବସ୍ଥାର ମୂଲ୍ୟାଙ୍କନ କରିଥିଲେ। ବିଭିନ୍ନ ବିଭାଗ ସହିତ ଜଡିତ ସମସ୍ତ ସମସ୍ୟା ମୁଖ୍ୟ ଶାସନ ସଚିବଙ୍କ ସମ୍ମୁଖରେ ମୂଲ୍ୟାଙ୍କନ କରାଯିବ ସେ ପ୍ରତିଶ୍ରୁତି ଦେଇଥିଲେ ଏବଂ ଜିଲ୍ଲାର ବିକାଶ ପାଇଁ ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଜିଲ୍ଲାର ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନରେ ସେ ସନ୍ତୋଷ ବ୍ୟକ୍ତ କରିଥିବା ଜଣାଇଛନ୍ତି। ଜିଲ୍ଲାରେ ମାଛ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରାଯିବ ବୋଲି ସେ କହିଛନ୍ତି। ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# କୁମ୍ଭାରୀପୁଟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ଧୁଗାଁ,୨୦।୩ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରୀପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଧୂମଧାମରେ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିନତୀ ଜଗଦେବ ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣ୍ୟାକା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ ମୁଖ୍ୟବକ୍ତା ପ୍ରିନ୍ସପାଲ ସରୋଜ କୁମାର ତରାଇ, ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପାଟଶାଣୀ, ଏଇଇ ସୌରଭ ନାୟକ, ଜେଇ, ଅଶୋକ ପଣ୍ଡା, ନବିନ ପ୍ରଧାନ, ମଧୁସୂଦନ ନାୟକ, ପଦ୍ମନ ନାୟକ, ଜଗେଶ୍ୱର ଗରଡା ଅଧକ୍ଷ କେସିଂପୁର, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଲେଙ୍ଗୁ ହିକକା , ପ୍ରଧାନଶିକ୍ଷକ କେ ଜାଗୁଗୁଡା, ପ୍ରଧାନ ଶିକ୍ଷକ ମହାଗୁଡ଼ା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ର ବେହେରା ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ ସମର୍ଦ୍ଧନା ଜଣାଇବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ଭାବେ ପାରମ୍ପାରିକ ବାଦ୍ୟ ସହ ନୃତ୍ୟ ପରିବେଷଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ କରାଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମଣ ସେଠୀ, ସୁବ୍ରତ ଚୁହାନ, ମୀନା ପରିଜା, କାନେ ଜାନି, ଦୀପ୍ତି ଦୀପିକା ଦାସ, ନିହାରିକା ବିଶ୍ୱାଳ, ଗୀତା ଗୁପ୍ତା ଗାଡ଼ିଆ, ଶିବ ସୁନ୍ଦର ଚମ୍ପିଆ, ଲିଙ୍କୁନ ମହାନ୍ତ, ଜ୍ୟୋତିରଞ୍ଜନ ଜେନା, ରାମବାବୁ କୁଡୁଚି, ଅକ୍ଷୟ ନାୟକ, କପିଳେଶ୍ୱର ନାୟକ, ଦୟାନିଧି ସାହୁକାର ଓ ବାରିକା ସାରାକା ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାମାଜିକ ସମୀକ୍ଷାରେ ତାତିଲେ ଅଧିକାରୀ

କୁନ୍ଦୁରା, ୨୦।୩(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ମନରେଗା ଓ ସମଗ୍ର ଶିକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା ଯୋଗ ଦେଇଥିଲେ। କର୍ମଚାରୀଙ୍କ ଅନିୟମିତତାକୁ ନେଇ ଆରମ୍ଭରୁ ତାତିଲେ ଅଧିକାରୀ। ସାମାଜିକ ସମୀକ୍ଷାର ତଥ୍ୟ ଅନୁସାରେ ନଥିପତ୍ର ସମ୍ବନ୍ଧୀୟ କର୍ମଚାରୀଙ୍କ ଅବହେଳା, ସୂଚନା ଫଳକ ନ କରିବା, କାର୍ଯ୍ୟ ସ୍ଥଳରେ ଶ୍ରମିକଙ୍କ ପାଇଁ ଆନୁସଙ୍ଗିକ ସୁବିଧା ନ କରିବା ଭଳି ମନରେଗାରେ ସମୁଦାୟ ୨୮ ଟି ଅଭିଯୋଗ ଶୁଣାଣି କରିଛନ୍ତି। ସମଗ୍ର ଶିକ୍ଷାର ସମୀକ୍ଷା କରିଥିଲେ । ବ୍ଲକର ୩୨ଟି ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ସାମାଜିକ ସମୀକ୍ଷା କରାଯାଇଥିଲା। ଏ ସବୁ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ଗୁଡ଼ିକର ସମସ୍ୟା ଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ। ସ୍କୁଲରେ ଆସୁଥିବା ଅନୁଦାନରୁ କେଉଁ କେଉଁ କାର୍ଯ୍ୟ କରାଯାଉଛି । ସେହି ଅନୁଦାନରୁ ସ୍କୁଲ ମରାମତି, ପରିମଳ ଆଦି ପାଇଁ ଖର୍ଚ୍ଚ କରାଯାଉଛି କି ନାହିଁ ସେ ସବୁ ବିଷୟରେ ପଚାରି ବୁଝିଥିଲେ। ସମସ୍ତ ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ପି.ମନସ୍ୱିତା, ବ୍ଲକ ଅଧକ୍ଷା ବନିତା କାନ୍ଦିଲିଆ , ଜିଲ୍ଲା ପରିଷଦ ଉପାଧକ୍ଷା ରାଧା ବିନୋଦ ସାମନ୍ତରାୟ, ତହସିଲଦାର ବିନୋଦ କୁମାର ନାଏକ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଠିଆ ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଏ ପି ଓ ଚିନ୍ତାମଣୀ ତାଣ୍ଡି, ବି ଏସ୍ ଏ କୈଳାଶ ଚନ୍ଦ୍ର ଶ୍ରୀ କରଲିଆ, ବିଇଓ ରଘୁନାଥ ପାଙ୍ଗି, ଏବିଇଓ ପପେୟା ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଯୁବ ଆଇନଜୀବୀ କୃଷ୍ଣ ସେନାପତି ସମ୍ମାନିତ

ଗୁଣପୁର, ୨୦।୩ (ସମିସ): ନିଶାମୁକ୍ତ ଭାରତ ଅଭିଯାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁଣପୁରର ଯୁବ ଆଇନଜୀବୀ କୃଷ୍ଣ ସେନାପତିଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ରାଜଧାନୀ ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ରାଜ୍ୟ ପୁଲିସ ନିର୍ଦ୍ଦେଶକ ୟୋଗେଶ ବାହାଦୂର ଖୁରାନିଆ ତାଙ୍କୁ ଶ୍ରେଷ୍ଠ ଆଇନଜୀବୀ ଭାବେ ସମ୍ମାନିତ କରାଯାଇଛି। ଏହି ଅବସରରେ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ମଧ ଅନୁଷ୍ଠିତ ହୋଇଥିଲା। ଗଞ୍ଜେଇ ଚାଷ ଓ ଚୋରାଚାଲାଣ, ମାଦକ ଦ୍ରବ୍ୟ ରପ୍ତାନୀ ଓ ଏହାକୁ ରୋକିବାର କୌଶଳ ନେଇ ଆୟୋଜିତ ଏହି କର୍ମଶାଳାରେ ପୁଲିସ, ଅବକାରୀ ଓ ଜଙ୍ଗଲ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ବିଶେଷକରି ରାୟଗଡା ଜିଲ୍ଲାରେ ଗଞ୍ଜେଇ ଚାଷକୁ ୫୦ ପ୍ରତିଶତ କମାଇବାରେ ସଫଳତା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ମଧ ସମ୍ମାନ ଦିଆଯାଇଥିଲା। ସେହିପରି ଆଇନଜୀବୀମାନଙ୍କ ମଧ୍ୟରୁ ରାଜ୍ୟରୁ ମାତ୍ର ଦୁଇଜଣଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ଗୁଣପୁରର କୃଷ୍ଣ ସେନାପତିଙ୍କ ନାମ ରହିଥିଲା। ପଦ୍ମପୁର ବ୍ଲକ ଅଞ୍ଚଳରେ ୧୪୪ କେଜି ଗଞ୍ଜେଇ ଜବତ ଘଟଣାରେ ଶ୍ରୀ ସେନାପତିଙ୍କ ଦୃଢ ଯୁକ୍ତି ଏହି ମାମଲାରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଗୁଣପୁର ଅତିରିକ୍ତ ଜିଲ୍ଲା ଅଦାଲତରେ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ୮ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା। ତାଙ୍କର ଏହି ଆଇନଗତ ସଫଳତା ଓ ନିଶାବିରୋଧୀ ଅଭିଯାନରେ ଅବଦାନକୁ ସ୍ୱୀକାର କରି ଏହି ସମ୍ମାନ ପ୍ରଦାନ କରାଯାଇଛି।



# ‘ସହଯୋଗ’ ରଥ, ପିଏମ୍ଏସଡିଏମ୍ ଯୋଜନାର ଶୁଭାରମ୍ଭ



ଜୟପୁର,୨୦।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସହରାଞ୍ଚଳର ହିତାଧିକାରୀ ମାନଙ୍କୁ ସଚେତନ ଓ ସାମିଲ କରିବା ନେଇ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର "ସହଯୋଗ' ରଥର ଆଜି ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମନଧନ ଯୋଜନା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଶ୍ରମିକ ଏବଂ ଅନ୍ୟାନ୍ୟ ପେନସନ ଯୋଜନାର ହିତାଧିକାରୀ ଏବଂ ତାଙ୍କ ପରିବାର ମାସିକ ପେନସନ ପାଇବାର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ସାମିଲ ହେଲେ ସମସ୍ତ ଗରିବ ହିତାଧିକାରୀ ପରିଣତ ବୟସରେ ମାସିକ ପେନସନ ପାଇବାର ସୁବିଧା ପାଇପାରିବେ ବୋଲି ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ସୂଚନା ଦେଇଥିଲେ। ସେହିପରି ସହଯୋଗ ରଥ ମାଧମରେ ୧୪ଟି ଯୋଜନା ବିଷୟକୁ ନେଇ ଜୟପୁର ସହରର ସମସ୍ତ ୨୮ ୱାର୍ଡ ବୁଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହ ଯୋଜନାରେ ସଚେତନତା କରିବା ସହିତ ଏଥିରେ ସାମିଲ ହେବା ନେଇ ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା କାର୍ଯ୍ୟରେ ସହଯୋଗ କରିବ। । ପୂର୍ବରୁ ବିଭିନ୍ନ ସହଯୋଗ କେନ୍ଦ୍ରକୁ ଯାଇ ଲୋକମାନେ ନାନା ହଇରାଣ ହେଉଥିବା ବେଳେ ଏହି ରଥ ବର୍ତ୍ତମାନ ପ୍ରତ୍ୟେକ ୱାର୍ଡରେ ହିତାଧିକାରୀ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଦୂର କରିବ ବୋଲି ରଥ ଶୁଭାରମ୍ଭ ପୂର୍ବରୁ ଆୟୋଜିତ ସାଧାରଣ ସଭାପରେ ବକ୍ତାମାନେ ସୂଚନା ଦେଇଥିଲେ। ଏହି ଅବସରରେ ପୌର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି. ଇପିଏଫ ଅଧିକାରୀ ଡି.କେ. ଦଳେଇ, କାଉସିଲର ଯଶପାଲ ସିଂ, ସିମାଞ୍ଚଳ ବିଶୋୟୀ , ଗୋପୀନାଥ ମହାନ୍ତି, ଅନିତା ରାୟ ପ୍ରମୁଖ ମଞ୍ଚାସିନ ଥିଲେ। ଏହିପରି ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

• ବିବାହ କାର୍ଯ୍ୟରେ ଯୋଗ ଦେଇ ଫେରିବା ବେଳେ ଅଘଟଣ

# ଅଟୋ ଓଲଟି ୧୦ ଗୁରୁତର

ପାପଡାହାଣ୍ଡି,୨୦।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମଗୁଡା ବୁଲାଣି ନିକଟରେ ଅଟୋ ଓଲଟି ୧୦ ଜଣ ଗୁରୁତର ହୋଇଛନ୍ତ। ସମସ୍ତ ଗୁରୁତରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମର ମହିଳା, ପୁରୁଷ, ଶିଶୁ, ୧୫ ଜଣରୁ ଅଧିକ ଲୋକ ଏକ ଅଟୋ ଯୋଗେ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇ ପାପଡାହାଣ୍ଡି ବ୍ଲକର ପାତ୍ରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭଟ୍ଟାଧନସୁଲି ଗ୍ରାମକୁ ଯାଇଥିଲେ। ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଜଟାବାଳ ଗ୍ରାମକୁ କୌଣସି କାମରେ ଯାଇଥିଲେ। କାମ ସାରି ଅଟୋ ଯୋଗ ନିଜ ଗ୍ରାମକୁ ଫେରିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ଜାମଗୁଡା ବୁଲାଣି ନିକଟରେ ଅଟୋ ଓଲଟି ପଡିଥିଲା। ଏଥିରେ ସମସ୍ତ ଯାତ୍ରୀ ରାସ୍ତା କଡ଼ରେ ଓଲଟି ପଡିଥିଲା। ସେହି ରାସ୍ତା ଦେଇ ଯାଉଥିବା ପୂର୍ବତନ ବ୍ଲକ ଅଧକ୍ଷ ଲିଙ୍ଗରାଜ ଭତରା ଓ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରିଥିଲେ. ଲିଙ୍ଗରାଜ ଭତରା ନିଜ ବୋଲେରୋ ଯୋଗେ ୪ ଗୁରୁତରଙ୍କୁ ଏବଂ ୧୦୮ ଆମ୍ବୁଲାନ୍ସ ଯୋଗେ ରାହୁଲ ଭତରା (୧୨), ତିଳେଇ ଭତରା, ଶିରା ଭତରା, ପୁଷ୍ପା ମାଝୀ, କନକଦେଇ ମାଝୀ, କୁମାରୀ ମାଝୀ ନୁପୁର ମାଝୀ, ସ୍ୱାତି ମାଝୀ, ଜୟସିଂ ମାଝୀ ଓ ଶୁକଲ ମାଝୀ ପ୍ରମୁଖ ୬ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ସକାଶେ ଶୁକଲ, ତିଳେଇ, ରାହୁଲ, କୁମାରୀକୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡା. ମନସ୍ୱିତା ମହାନ୍ତି ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଲେ ବିଡିଓ, ତହସିଲଦାର

ପଟ୍ଟାଙ୍ଗି,୨୦।୩(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଏକ ଅଟୋରେ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିକୁ ନିଜ ଗାଡ଼ିରେ ନେଇଛନ୍ତି। ବିଡ଼ିଓ ରାମ କୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ଏକ ସରକାରୀ କାର୍ଯ୍ୟକ୍ରମରୁ ଫେରିବା ସମୟରେ କୁନ୍ଦୁଲି ହାଟପଦା ଠାରୁ ତୁରିଆ ଅଭିମୁଖେ ଯାଉଥିବା ଏକ ଅଟୋଟି ଜାମୁକୋଟା ଗ୍ରାମ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଦେଖିଥିଲେ। ଉଭୟ ବିଡିଓ ଶ୍ରୀ ନାୟକ ଏବଂ ତହସିଲଦାର ଶ୍ରୀ ଧାରୁଆ ନିଜର ଦୁଇ ଗାଡ଼ିକୁ ଅଟକାଇଥିଲେ। ତୁରନ୍ତ ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରିବା ସହ ନିଜର ଗାଡ଼ିରେ ସେମାନଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିରେ ଚିକିତ୍ସା କରାଇଥିଲେ। ବିଡ଼ିଓ ଶ୍ରୀ ନାୟକ ଏବଂ ତହସିଲଦାର ଶ୍ରୀ ଧାରୁଆଙ୍କ ଏଭଳି ମହାନ କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।

# ମୋଟରସାଇକେଲ୍ ଚୋରି

ଡାବୁଗାଁ,୨୦।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାରେ ମୋଟରସାଇକଲ୍ ଚୋରି ହୋଇଥିବା ନେଇ ଗୁରୁବାର ରାତିରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଡାବୁଗାଁ ବ୍ଲକ ଅଧୀନ ତଳବେଢା ଗ୍ରାମର ଦଶମତ ମାଝି ଗତ ୧୮ ତାରିଖ ରାତିରେ ଗ୍ରାମର ବଡ଼ଶୁ ମାଝିଙ୍କ ଘରକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ତାଙ୍କ ମୋଟରସାଇକେଲ ନଂ ସିଜି ୧୭ କେ ୬୫୦୧ ଚୋରି ହୋଇଯାଇଛି। ଗୁରୁବାର ରାତିରେ ଡାବୁଗାଁ ଥାନାରେ ଏ ନେଇ ଏତଲା ଦିଆଯାଇଛି। ଥାନା ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଘଟଣାର ତଦନ୍ତ କରୁଛନ୍ତି।

# ଗ୍ୟାସ ବଣ୍ଟନରେ ଅବ୍ୟବସ୍ଥା, ଲୋକଙ୍କ ଦୁର୍ଦ୍ଦଶା

କୋଲନରା,୨୦।୩(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳର ଗ୍ୟାସ ଗୋଦାମ ସମ୍ମୁଖରେ ଆଜି ସକାଳୁ ଏକ ଚିନ୍ତାଜନକ ପରିସ୍ଥିତି ପ୍ରକାଶ ପାଇଛି। ଭୋରୁ ହିଁ ଶତାଧିକ ଲୋକ ଖାଲି ଗ୍ୟାସ ସିଲିଣ୍ଡର ନେଇ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି। ସୂଚନା ଅନୁସାରେ, ଲୋକମାନେ ଘରୋଇ ଗ୍ୟାସ ପାଇଁ ଭୋର ୪ଟା ସମୟରୁ ଆସି ଲାଇନ୍‌ରେ ଅପେକ୍ଷା କରୁଛନ୍ତି। କିନ୍ତୁ ସମୟମତେ ଗ୍ୟାସ ଯୋଗାଣ ହେଉନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ପରିସ୍ଥିତି ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଗ୍ୟାସର କୌଣସି ଅଭାବ ନଥିବା କୁହାଯାଉଛି। ଦୀର୍ଘ ସମୟ ଧରି ଅପେକ୍ଷା କରିବା ସତ୍ତ୍ୱେ ଗ୍ୟାସ ସୁବିଧାରେ ନ ମିଳିବାରୁ ସାଧାରଣ ଲୋକେ ଦୁଃଖ ଓ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସ୍ଥାନୀୟ ବାସିନ୍ଦାମାନଙ୍କ ଆଶା, ସରକାର ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ଯଥୋଚିତ ପଦକ୍ଷେପ ନେବେ ଏବଂ ଗ୍ୟାସ ବଣ୍ଟନ ପ୍ରଣାଳୀକୁ ସୂଚାରୁ ଭାବରେ ସଂଗଠିତ କରିବେ।

# ଗୁପ୍ତେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ

ବୈପାରୀଗୁଡ଼ା,୨୦।୩(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କାନ୍ଦିଲିବେଡ଼ା ସ୍ଥିତ ଗୁପ୍ତେଶ୍ୱର ଏସଏସଡି ହାଇସ୍କୁଲଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କୈଳାଶ ଭଣ୍ଡାରୀଙ୍କ ଅଧକ୍ଷତାରେ ବିବରଣୀ ପାଠ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଇଓ ସୁକାନ୍ତ କାର୍ତ୍ତମୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆଦିବାସୀ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ନେଇ ଅଭିଭାବକ ମାନଙ୍କ ଠାରୁ ଅଧିକ ଗୁରୁ ଦାୟିତ୍ୱ ଶିକ୍ଷକ ମାନଙ୍କ ରହିବା ଆବଶ୍ୟକ ବୋଲି କହିଥିଲେ। ଅତିଥିଭାବେ କୋରାପୁଟ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସମ୍ବନ୍ଵିତ ଆଦିବାସୀ ଉନ୍ନୟନ ସଂସ୍ଥା ଯଜନ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟପୁର ବୈଶାଳୀ ଦୋରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚାନ୍ଦଧ୍ୱଜ ପୂଜାରୀ, ସରପଞ୍ଚ ଯୁଗଳ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପୁନିଆ ସାନ୍ତା ପ୍ରମୁଖ ମଞ୍ଚାସୀନ ଥିଲେ । ବାର୍ଷିକ କ୍ରୀଡ଼ାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁନି କୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସଏମସିର ସମସ୍ତ ସଦସ୍ୟ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଇଦ୍ ପାଳନ ନେଇ ମୁସଲିମ କମିଟି ସହ ଏସ୍‌ଡିପିଓଙ୍କ ଆଲୋଚନା

ଜୟପୁର,୨୦।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ଆସନ୍ତାକାଲି ପବିତ୍ର ରାମଜାନ ମାସର ଶେଷ ହେବା ପରେ ଶନିବାର ଇଦ ଉଲ୍ ଫିତର ପାଳନ ନେଇ ସୁନ୍ନି ମୁସଲିମ ଅଞ୍ଜୁମନ କମିଟି କର୍ମକର୍ତ୍ତାଙ୍କ ସହିତ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଆଲୋଚନା କରିଛନ୍ତି। ଇଦ୍ ପାଳନ ନେଇ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଜୟପୁର ଡେରା ସାହି ଏବଂ ନାଗାର୍ଚ୍ଚି ସାହି ଠାରେ ଦୁଇଟି ମସ୍‌ଜିଦ ରହିଥିବା ବେଳେ ଖ୍ରୀଷ୍ଟିଆନ ସାହି ଛକ ଠାରେ ଇଦଗା ପଡିଆ ଠାରେ ମିଳିତ ଭାବେ ନମାଜ ପାଠ କରାଯିବ। ସେହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଅଞ୍ଜୁମନ କମିଟର ସଭାପତି ମୁସ୍ତାଫା ବେଗ୍‌ଙ୍କ ନେତୃତ୍ୱରେ ଅନ୍ୟାନ୍ୟ କମିଟର କର୍ମକର୍ତ୍ତାମାନେ ଅବଗତ କରିଥିଲେ। ସେହିପରି ଜୟପୁର ଏକ ଭାଇଚାରାର ସହର ଏବଂ ଶାନ୍ତି ଶୃଙ୍ଖଳାର ସହିତ ଇଦ୍ ପର୍ବ ପାଳନ କରାଯିବ ବୋଲି ଅଞ୍ଜୁମନ କମିଟି ପକ୍ଷରୁ ପ୍ରଶାସନକୁ ପ୍ରତିଶୃତି ଦିଆଯାଇଛି।

# ସୁଭଦ୍ରା ଶକ୍ତି କାଫେରେ ବିଶ୍ୱ ପଖାଳ ଦିବସ




କୋଷାଗୁମୁଡ଼ା,୨୦।୩(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ସୁଭଦ୍ରା ଶକ୍ତି କେଫେ ଠାରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। କୋଷାଗୁମୁଡା ଗଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ପଞ୍ଚାୟତ ସମିତି ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, କୋଷାଗୁମୁଡା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ବ୍ଲକ କଂଗ୍ରେସ କମିଟି ସଭାପତି ପଦ୍ମସାଇ ମାଳି ଏବଂ ବ୍ଲକର ସମସ୍ତ କର୍ମଚାରୀ ସୁଭଦ୍ରା ଶକ୍ତି କେଫେ ଠାରେ ଉପସ୍ଥିତ ରହି ପଖାଳ ଖାଇଥିବା ଦେଖିବାକୁ ମିଳିଛି। ଏହାସହ ଆଜି କୋଷାଗୁମୁଡା ସୁଭଦ୍ରା ଶକ୍ତି କେଫେ ସଫଳତା ସହ ଏକ ବର୍ଷ ପୂର୍ତ୍ତି ପାଇଁ କେକ୍ କାଟି ଥିବା ମଧ ଦେଖିବାକୁ ମିଳିଛି। ସୁଭଦ୍ରା ଶକ୍ତି କେଫେ ଦ୍ୱାରା ସୁଭଦ୍ରା ମା'ମାନେ ଉପକୃତ ହେଉଛନ୍ତି । ଏହାସହ ଅଞ୍ଚଳରେ କେଫେ ମାଧମରେ ଅଞ୍ଚଳବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରି ଆସୁଛନ୍ତି।

# ରାୟଗଡ଼ା ଉତ୍କଳ ତେଲୁଗୁ ସମକ୍ଷା ଉଗାଦି ଉତ୍ସବ ଉଦ୍‌ଯାପିତ





ରାୟଗଡ଼ା,୨୦।୩(ସମିସ): ରାୟଗଡ଼ା ସହର ନିକଟସ୍ଥ ଖଲିଗୁଡା ପଡ଼ିଆଠାରେ ଦୁଇ ଦିନ ଧରି ଚାଲିଥିବା ରାୟଗଡା ଉତ୍କଳ ତେଲୁଗୁ ସମକ୍ଷା ଉଗାଦି ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉଦ୍‌ଯାପିତ ହୋଇଯାଇଛି । ଉଗାଦି ଉତ୍ସବ କମିଟି ଆବାହକ ଯାଲ୍ଲା ଭେଙ୍କେଟେଶ୍ୱର ରାଓ ଙ୍କ ଆବାହକତ୍ୱରେ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଟଲିଉଡ ଅଭିନେତ୍ରୀ ବୈଷ୍ଣବୀ ଚୈତନ୍ୟା ମୁଖ୍ୟ ଆକର୍ଷଣ ରହିଥିଲେ। ଅଭିନେତ୍ରୀଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ସିନେ ପ୍ରେମୀ ତଥା ଦର୍ଶକ ଉପସ୍ଥିତ ରହିଥିଲେ। ଆଜି ଅପରାହ୍ନରେ ସାମାନ୍ୟ ବର୍ଷା ହୋଇଥିଲେ ମଧ ଉଗାଦି ଉତ୍ସବର ଦମଦାର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଚମତ୍କାର ପରିବେଷଣ ଦର୍ଶକମାନଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ସେହିପରି ଗତ ଗୁରୁବାର ଦିନ ଉଦ୍‌ଘାଟନ ସମାରୋହରେ ରାଜ୍ୟ ବିଜେପି ସଭାପତି ତଥା ନବ ନିର୍ବାଚିତ ରାଜ୍ୟସଭା ସାଂସଦ ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାୟଗଡାର ଏହି ଭାଇଚାରାର ପର୍ବକୁ ବହୁତ ପ୍ରଶଂସା କରିବା ସହ ତେଲୁଗୁ ସମ୍ପ୍ରଦାୟ ଭାଇଭଉଣୀଙ୍କୁ ଉଗାଦି ତଥା ତେଲୁଗୁ ନବ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ। ସେହିପରି ଜିଲ୍ଲା ବିଜେପି କମିଟିର ବହୁ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଉଗାଦି ଉତ୍ସବ ମହା ଆଡମ୍ବର ସହକାରେ ପାଳନ ହୋଇଥିବା ବେଳେ ଆଗାମୀ ବର୍ଷରେ ମଧ କମିଟି ପକ୍ଷରୁ ତେଲୁଗୁ ପରମ୍ପରା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଉଦ୍ୟମ ଜାରି ରହିଥିବ ବୋଲି ଆବାହକ କୋଣ୍ଡାବାବୁ ପ୍ରକାଶ କରିଛନ୍ତି । ଆଜି ମଧ ପ୍ରବଳ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# ଚନ୍ଦ୍ରପୁରରେ 'ଆମ ପୁଲିସ ସମିତି' ବୈଠକ



ଚନ୍ଦ୍ରପୁର,୨୦।୩(ସମିସ):

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ 'ଆମ ପୁଲିସ ସମିତି' ବୈଠକ ଅନୁଷ୍ଠିତ ହେଇଯାଇଛି । ସ୍ଥାନୀୟ ଥାନା ଅଧିକାରୀ ଲଳିତ ମୋହନ ସାଗରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧକ୍ଷ କୟିନ କିମ୍ବାକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବାଙ୍ଗଲୋ, ତହସିଲଦାର ସୁନିଲ କୁମାର ପ୍ରଧାନ, ସିଡିପିଓ ଗୀତାରାଣୀ ସାହୁ, ଓକିଲ ବନିତା ନିର୍ମଳ, ଏଫ ୪ବାଟାଲିୟନ ସିଆରପିଏଫ କମାଣ୍ଡର ଟି. ପଲନି, ବନପାଳ ଅଶ୍ୱିନି କରକରିୟା, ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ଦାସ, ସାରକିମା ଗ୍ରାମ ପଞ୍ଚାୟତ ସରପଞ୍ଚ ଫକିର ମୋହନ ଗୋମିଡାଙ୍ଗା, ବୁଡୁବାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଭିମ ଗଗେରାଙ୍ଗା, ରାଜସ୍ୱ ସୁପର ଭାଇଜର ପ୍ରଦିପ କୁମାର ପାଣିଗ୍ରାହୀ , ହନମନ୍ତପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଦାମଦର ସୁରେନ, ବ୍ଲକ କଂଗ୍ରେସ ସଭାପତି ହିରୁମାଝି ଯୋଗ ଦେଇଥିଲେ। ଏଥିରେ ଚନ୍ଦ୍ରପୁର ବ୍ଲକର ଜନ ସାଧାରଣ ପୋଲିସ ମାନଙ୍କୁ ନ ଡରି ପଳାଇବା, ସାଇବର ଅପରାଧ , ବାଲ୍ୟ ବିବାହ ନିଷେଧ, ଜଙ୍ଗଲ ମଧରେ ନିଆଁ ନ ଲଗାଇବା ନିମନ୍ତେ ଓ ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଞ୍ଚାସୀନ ଅତିଥି ମାନେ ଲୋକମାନଙ୍କୁ ବିସ୍ତୃତ ଭାବେ ବୁଝାଇ ସଚେତନ କରିଥିଲେ। ଏହି ଆମ ପୁଲିସ ସମିତି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ଅଞ୍ଚଳର ଜନସାଧାରଣ ପୁରୁଷ ମହିଳା ଶିକ୍ଷକ ଶିକ୍ଷୟତ୍ରୀ,ଅଙ୍ଗନବାଡି କର୍ମୀ ପୁଲିସ କର୍ମଚାରୀ, ଅଗ୍ନିଶମ ବାହିନୀର ଏଫ୪ବାଟାଲିୟନ ସିଆରପିଏଫ ଯବାନ ଉପସ୍ଥିତ ଥିଲେ। ପୁଲିସ ଏସଆଇ ହରେକୃଷ୍ଣ ମୁଣ୍ଡାରୀ, ଏଏସଆଇ ହନରସିଂହ ସାହୁ ଓ ସମସ୍ତ ପୁଲିସ କର୍ମଚାରୀ, ହୋମଗାର୍ଡ ଯୋଗ ଦେଇଥିଲେ। କନେଷ୍ଟବଲ ରଜନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଇଆଇସି ଲଳିତ ମୋହନ ସାଗର ଧନ୍ୟବାଦ ଦେଇ ଆମ ପୁଲିସ ସମିତି କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

## ବାଲି ବୋଝେଇ ଗାଡ଼ି ଜବତକୁ ବିରୋଧ

# 'ଆବାସ' ହିତାଧିକାରୀଙ୍କ ରାସ୍ତା ଅବରୋଧ

ଖଇରପୁଟ, ୨୦।୩ (ସମିସ): ମାଲକାନଗିରିରୁ ଜୟପୁରକୁ ଯାଉଥିବା ମୁଖ୍ୟ ଯାତାୟାତ ବ୍ୟବସ୍ଥା ଆଜି ଗୁରୁତର ଭାବେ ପ୍ରଭାବିତ ହୋଇଛି । ଗୋବିନ୍ଦପାଲ୍ଲୀ ନିକଟସ୍ଥ ଜାତୀୟ ରାଜପଥରେ ଆବାସ ଯୋଜନାର ହିତାଧିକାରୀମାନେ ରାସ୍ତା ଅବରୋଧ କରିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସୂଚନା ଅନୁଯାୟୀ, ଗତକାଲି ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘର ପାଇଁ ବାଲି ବୋଝେଇ କରି ନେଉଥିବା ଗାଡ଼ିକୁ ମାଥିଲି ପୋଲିସ ଜବତ କରି ଥାନାକୁ ନେଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନଙ୍କ କହିବା ଅନୁସାରେ, ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ବାଲି ଆଣିବା ସମୟରେ ଏପରି ପୋଲିସ କାର୍ଯ୍ୟରେ ତାଙ୍କର କାମ ବାଧାପ୍ରାପ୍ତ ହେଉଛି । ଏହାର ପ୍ରତିବାଦରେ ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଅନେକ ହିତାଧିକାରୀ ଓ ଗ୍ରାମବାସୀ ଗୋବିନ୍ଦପାଲ୍ଲୀ ପୋଲିସ ଚେକପୋଷ୍ଟ ନିକଟରେ ଜାତୀୟ ରାଜପଥରେ ବସି ଧରଣା ଦେଇଥିଲେ । ଏହି ରାସ୍ତା ଅବରୋଧ ଆନ୍ଦୋଳନରେ ଗ୍ରାମର ଗୁପ୍ତେଶ୍ୱର ବ୍ରହ୍ମା, ପ୍ରତାପ ମିଶ୍ର, ହୃଷିକେଶ ବେହେରା ସହିତ ଅନେକ ଲୋକ ସକ୍ରିୟ ଭାବେ ଭାଗ ନେଇଥିଲେ ।ରାସ୍ତା ଅବରୋଧ କାରଣରୁ ଦୁଇ ପାର୍ଶ୍ୱରେ ଗାଡ଼ି ଲମ୍ବା ଲାଇନ୍‌ରେ ଅଟକି ରହିଥିଲା ଓ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମାଲକାନଗିରିଜୟପୁର ମୁଖ୍ୟ ସଡ଼କରେ ଯାତାୟାତ ପ୍ରାୟ କେତେକ ଘଣ୍ଟା ଧରି ବିଘ୍ନିତ ହୋଇଥିଲା । ପ୍ରଦର୍ଶନକାରୀମାନେ ଦାବି କରିଥିଲେ ଯେ, ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଆଣାଯାଉଥିବା ବାଲି ଗାଡ଼ିକୁ ତୁରନ୍ତ ଛାଡ଼ାଯାଉ ଓ ଆଗାମୀ ଦିନରେ ଏପରି କାର୍ଯ୍ୟନୁଷ୍ଠାନ ନ ନିଆଯାଉ । ଘଟଣାସ୍ଥଳକୁ ପୋଲିସ, ତହସିଲଦାର ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରଦର୍ଶନକାରୀମାନଙ୍କ ସହ ଆଲୋଚନା କରିଥିଲେ ଓ ପରିସ୍ଥିତିକୁ ସାମାନ୍ୟ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ । ଆଲୋଚନା ପରେ ଅବରୋଧ ଉଠିଥିଲା



## ବିସ୍ଥାପିତଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା କଲା ସଂଘ

# ମାଗଣା ବିଦ୍ୟୁତ୍ ସହ ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟ ଦାବି

ନନ୍ଦପୁର, ୨୦।୩ (ସମିସ):

ଦଶନ୍ଧୀ ଦଶନ୍ଧୀ ଧରି ସମସ୍ୟାରେ ଜର୍ଜରିତ ନନ୍ଦପୁର ବ୍ଲକର ୧୦ ଗ୍ରାମପଞ୍ଚାୟତର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ବ୍ଲକ ପ୍ରଶାସନଙ୍କ ସହ ଏକ ସମୂହ ଆଲୋଚନା କରାଯାଇଛି। ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ହଜାର ହଜାର ହେକ୍ଟର ଜମିରୁ ବିସ୍ଥାପିତ ହୋଇଥିବା ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇ ଦେବାକୁ ଦାବି କରିଛନ୍ତି ବିସ୍ଥାପିତ ସଂଘ। ଶୁକ୍ରବାର ବିସ୍ଥାପିତ ଯୁବ ନେତା ଆକାଶ ଖିଲ, ସମ୍ପାଦକ ରାମ ଦାସ ପାରିଆ, ସହ ସମ୍ପାଦକନନ୍ଦ ପୂଜାରୀ, ବଳରାମ ମାଝୀଙ୍କ ନେତୃତ୍ୱରେ ନନ୍ଦପୁର ବ୍ଲକ୍‌ର ୧୦ ଗ୍ରାମପଞ୍ଚାୟତର ଶତାଧିକ ଜନସାଧାରଣ ବିସ୍ଥାପିତ ସଂଘର ପଞ୍ଚାୟତ ସଭାପତି ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, ଆଇଆଇସି ତ୍ରିନାଥ ତୋଟାପାଡିଆଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମାନ କ୍ଷୟକ୍ଷତିରେ ପଡୋଶୀ ଲମତାପୁଟ ବ୍ଲକର ୫ ଗ୍ରାମପଞ୍ଚାୟତର ପରିବାରଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯାଉ ଥିବା ବେଳେ ଦାବି ପରେ ଦାବି, ଅନଶନ ପରେ ଅନଶନ କରି ଜିଲ୍ଲା ପ୍ରଶାସନଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ନିକଟରେ ଫେରାଦ ହୋଇ ବିସ୍ଥାପିତଙ୍କ ସମସ୍ୟା ଜଣାଇ ଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁବିଧା ବିସ୍ଥାପିତ ପରିବାରଙ୍କୁ ପ୍ରଦାନ କରାନଯିବା ଦୁର୍ଭାଗ୍ୟଜଣକ ବୋଲି କହିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ନିଆ ଯାଉଥିବା ଯାତନା ଅସହ୍ୟ ବୋଲି ଦଶ ଗୋଟି ପଞ୍ଚାୟତବାସୀ କହିଛନ୍ତି। ଶେଷରେ ବ୍ଲକ ପ୍ରଶାସନଙ୍କ ସହ ଆଲୋଚନା କରି ଗୁହାରି କରିଛନ୍ତି ଯେ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମୟ ସହ ଅସହ୍ୟ ଗ୍ରୀଷ୍ମ ତାତି । ଲୋକ ଛଟପଟ ହେଉଥିବା ବେଳେ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟ କରି ବକେୟା ବିଦ୍ୟୁତ୍ ବିଲ ମୁଣ୍ଡରେ ଲଦିଛନ୍ତି । ତେବେ ଏହାର ସମାଧାନ କରି ଉକ୍ତ ଦଶ ଗୋଟି ପଞ୍ଚାୟତର ବିସ୍ଥାପିତ ପରିବାରକୁ ଚିହ୍ନଟ କରି ଏହି ପରିବାରଙ୍କୁ ମାଗଣା ବିଦ୍ୟୁତ୍ ଅବା ରିହାତି କିସ୍ତି ଯୋଗେ ବିଦ୍ୟୁତ୍ ସଂଯୋଗ ଦେବାକୁ ଦାବି କରିଛନ୍ତି । ମାଛକୁଣ୍ଡ ଜଳ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରି ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ମଧ ବିସ୍ଥାପିତଙ୍କ ବିକାଶରେ ପାରିପାର୍ଶିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ କରାଯାଇ ନାହିଁ କାହିକି ବୋଲି ପ୍ରଶ୍ନ କରିଥିଲେ । ତେବେ ଶୁକ୍ରବାର ବିସ୍ଥାପିତ ମହା ସଂଘ ସହ ବ୍ଲକ ପ୍ରଶାସନ ପରେ ବିସ୍ଥାପିତ ପଞ୍ଚାୟତର ସମସ୍ୟା ସମୂହ ୧୫ ଦିନ ମଧରେ ଜିଲ୍ଲାପାଳଙ୍କ ଦୃଷ୍ଟି କୁ ନେଇ ସମାଧାନର ପନ୍ଥା ଅବଲମ୍ବନ କରାଯିବ ବୋଲି ସ୍ଥିରୀକୃତ ହୋଇଥିବା ଜଣାପଡ଼ିଛି।

# ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ରାୟଗଡ଼ା, ୨୦।୩(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଓଡିଶା ଦିବସ ୨୦୨୬ ପାଳନ ଉପଲକ୍ଷେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସଦସ୍ୟସଦସ୍ୟା ଯୋଗ ଦେଇଥିଲେ। ଆସନ୍ତା ଏପ୍ରିଲ ୧ ତାରିଖ ଦିନ ଭୋର ୫ଟା ସମୟରେ ସହରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ। ସକାଳ ୭ଟା ସମୟରେ ସ୍ଥାନୀୟ ଗଜପତି ଛକ ଠାରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ସମବେତ ହୋଇ ସାମୂହିକ ମାଲ୍ୟାର୍ପଣ କରାଯିବ। ସମସ୍ତେ ଶୋଭାଯାତ୍ରାରେ ବାହାରିବେ ଏବଂ ସକାଳ ୮ଟାରେ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ସାମୂହିକ ମାଲ୍ୟାର୍ପଣ କରାଯିବ। ସକାଳ ୯ଟା ସମୟରେ ସାଧାରଣ ସଭା ଓ ଜିଲ୍ଲା ସଂସ୍କୃତି ପରିଷଦ ରାୟଗଡା ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁପଟ୍ଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ସ୍ୱତନ୍ତ୍ର ଭାବରେ ଝୋଟି ପ୍ରତିଯୋଗିତା ଆୟୋଜିତ ହେବ। ଏହାସହିତ ସମସ୍ତ ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକ ଓଡ଼ିଆରେ ନାମ ଲେଖିବାକୁ ପଦକ୍ଷେପ ନେବାକୁ ନିଷ୍ପତି ନିଆଯାଇଛି । ସମସ୍ତ ସରକାରୀ ଓ ଘରୋଇ କୋଠାବାଡି ମାନଙ୍କରେ ଆଲୋକମାଳରେ ସୁସଜ୍ଜିତ କରିବା ନିମନ୍ତେ ନିଷ୍ପତି ନିଆଯାଇଛି। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଉମରକୋଟ ୨୦।୩(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ଉମରକୋଟ ସହର। ଏହି ଅବସରରେ ଏକ ବିରାଟ ପଟୁଆରାରେ ଶୋଭାଯାତ୍ରା ବାହାରି ଡିଏନକେ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଯୁବକଯୁବତୀ ଓ ବୃଦ୍ଧବୃଦ୍ଧା ସାମିଲ ହୋଇଥିଲେ। ସୁସଜ୍ଜିତ ହୋଇଥିବା ଶ୍ରୀରାମ ,ରାବଣ, ହନୁମାନ, ସୀତା , ଲକ୍ଷ୍ମଣ, ବାନର ଦଳ, ନୃସିଂହ ଏହି ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ଥିଲେ। ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀ ସାମିଲ ହୋଇଥିଲେ। ରାସ୍ତାକଡ଼ରେ ଥିବା ଘର ଆଗରେ ଧୂପ, ଦୀପ, କୁମ୍ଭ ରଖି ଏହି ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏତେ ପରିମାଣର ଗେରୁଆ ପତକା ଲାଗିଥିଲା ଯେ ସାରା ସହର ଗେରୁଆ ରଙ୍ଗ ପାଲଟି ଯାଇଥିଲା। ଯୁବ ବର୍ଗ ଇଂରାଜୀ ନୂଆବର୍ଷ ତୁଳନାରେ ହିନ୍ଦୁ ନବବର୍ଷ ପ୍ରତି ଅଧିକା ଆଗ୍ରହ ଦେଖାଇଛନ୍ତି।। ଉମରକୋଟ ସହର ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ଚନ୍ଦ୍ରପୁର, ୨୦।୩(ସମିସ): ଜିଲ୍ଲାପାଳ ରାୟଗଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗୋଲାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ା, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧକ୍ଷ କଇନ କିମ୍ବାକା, ଜିପିଡିଓ ରାଜେନ୍ଦ୍ର କୁମାର ପାଲ୍, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ବିକାଶ ନାୟ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ବୃନ୍ଦ ତଥା ସମସ୍ତ କର୍ମଚାରୀ ବୃନ୍ଦ ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୮୭ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି, ୧ ଜଣଙ୍କୁ ଚକଲଗା ଚୌକି, ୩ଜଣଙ୍କୁ ବସ୍ ପାସ ପ୍ରଦାନ କରାଗଲା। ୫ ଜଣଙ୍କୁ ଋଣ ଫର୍ମ, ୧୮ ବର୍ଦ୍ଧିତ ଭତ୍ତା, ୨୨ ଜଣଙ୍କ ମଧୁବାବୁ ଭତ୍ତା ଫର୍ମ ଓ ୪ ଜଣଙ୍କ ବସ୍ ପାସ ଫର୍ମ ସଂଗ୍ରହ କରାଯାଇଛି। ଶିବିରରେ ୮୧ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚାଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ଟିକିରି, ୨୦।୩,(ସମିସ): ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁମନ୍ଦିର ଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଳାହାଣ୍ଡି ସଂଘର ପ୍ରାନ୍ତ ସଞ୍ଚାଳକ ଆର.ଚକ୍ରଧର ରାଓ ଯୋଗ ଦେଇ ଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ପଦ୍ମନାଭ ମହାନ୍ତି ଉପସ୍ଥିତ ରହି ଶିଶୁ ମାନଙ୍କୁ ଏହି ଦିବସ ବିଷୟରେ କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିଶୁ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଥ ସଞ୍ଚଳନ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ଦ୍ୱାରା ସମସ୍ତ ଗୁରୁଜୀ, ଗୁରୁମା' କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।




# ସାନ୍ତା ବାଡ଼ିଗାଁରେ ଜଳ ଅର୍ପଣ ଦିବସ

ରାୟଗଡ଼ା/କୋଲନାରା, ୨୦।୩(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଡୁମୁରିଗୁଡା ପଞ୍ଚାୟତ ସାନ୍ତା ବାଡ଼ିଗାଁ ଠାରେ ଶୁକ୍ରବାର ଦିନ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତି କୋଲନରା ଏବଂ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସଭାପତିତ୍ୱ କରିଥିଲେ। ବିଶେଷ ସମ୍ମାନିତ ଅତିଥି ଭାବରେ କୋଲନରା ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା କୁଲେସିକା, ଉପାଧକ୍ଷ ହଳଧର ହିମିରିକା, ଜିଲ୍ଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁ, ସୁନୀତା ତାଡ଼ିଙ୍ଗି, ଡୁମୁରିଗୁଡା ସରପଞ୍ଚ ମାଣିକ ପିର୍ବାକା, ସାଂସଦ ପ୍ରତିନିଧି ଆଇ ଗୋବର୍ଦ୍ଧନ ରାଓ ଏବଂ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ ଉପସ୍ଥିତ ଥିଲେ। ଉତ୍ସବରେ ନୂତନ ଭାବେ ତିଆରି ହୋଇଥିବା ପାଣି ଟ୍ୟାଙ୍କି, ପ୍ରତ୍ୟେକ ଘରକୁ ସଂଯୋଗ ହୋଇଥିବା ପାନୀୟ ଜଳ ଟ୍ୟାପ୍‌କୁ ୬ଟି ଗ୍ରାମର ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବା ସହ ଆନୁଷ୍ଠାନିକ ଭାବରେ ଏହାର ଗୋଷ୍ଠୀ ଗତ ମାଲିକାନା ପ୍ରଦାନ କରାଯାଇଥିଲା। ପିଣ୍ଡାପଦର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଇଂ.ଶୁଭ୍ରଜିତ୍ ସେନ୍ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଗ୍ରାମର କଳାକାର ଓ ଡୁମୁରିଗୁଡା ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି ବୈଠକ



ନବରଙ୍ଗପୁର,୨୦।୩(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବାହ୍ୟ ସଦସ୍ୟ ଅଧିବକ୍ତା ସମରେଶ ଗନ୍ତାୟତ, କମିଟିର ଅଧକ୍ଷା ଡ. ସଞ୍ଜୁକ୍ତା ପଣ୍ଡା, ସଭ୍ୟ ସଭ୍ୟା ବିହାରୀ ପ୍ରସାନ୍, ରଞ୍ଜୁସା ପ୍ରହରାଜ, ନୃପେନ୍ଦ୍ର ନାଥ ଖୋସଲା, ତୈରା ବେଗମ, ଭୁବନ ହରିଜନ ପ୍ରମୁଖଙ୍କ ସମେତ ଛାତ୍ରୀ ପ୍ରତିନିଧି ରଶ୍ମିତା ମାଳି ଓ କବିତା ପ୍ରଧାନ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ସଦସ୍ୟମାନେ ମତ ବିନିମୟ ମାଧ୍ୟମରେ ବିଭିନ୍ନ ନିର୍ମାଣାର ପ୍ରସ୍ତାବ ରଖିଥିଲେ। କମିଟିର କାର୍ଯ୍ୟକ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମ୍ମିଳିତ ଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ 'ପଖାଳ' ପରବ




ରାୟଗଡ଼ା,୨୦।୩ (ସମିସ): ଓଡିଶାର ଲୋକ ଜୀବନ ସହିତ ଜଡିତ ଏକ ଅତ୍ୟନ୍ତ ଲୋକପ୍ରିୟ ପର୍ବ ହେଉଛି ପଖାଳ ପରବ ତଥା ପଖାଳ ଦିବସ । ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଏହି ଦିବସକୁ ଉତ୍ସାହ ଓ ଆନନ୍ଦର ସହିତ ପାଳନ କରାଯାଉଛି । ଗରମ ଦିନର ଆରମ୍ଭ ସହିତ ଶରୀରକୁ ଶୀତଳ ରଖିବା ପାଇଁ ପଖାଳ ଖାଇବାର ପ୍ରଥାକୁ ଏହି ଦିବସ ଉତ୍ସାହିତ କରିଥାଏ। ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ମଧ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପଖାଳ ପରବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମୀନତି ଦେଓ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଖାଳ କଂସା ସହିତ ବଡି ଚୁରା, ବାଇଗଣ ଭର୍ତ୍ତା, ଆଳୁ ଭର୍ତ୍ତା, ଶାଗବଡି, ମାଛ ଭଜା, ମୁନିଗା ଆଳୁ ଇତ୍ୟାଦି ସ୍ୱାଦିଷ୍ଟ ପଦାର୍ଥ ଖାଇବାର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆଭାସି ମାଧ୍ୟମରେ ରାଜ୍ୟ ସ୍ତରୀୟ ପଖାଳ ପରବ କାର୍ଯ୍ୟକ୍ରମ ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା କରାଯାଇଥିଲା ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି,ଉପ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତି ପରିଡା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ଖରିଫ ଧାନ କିଣା ଶେଷ ପର୍ଯ୍ୟାୟରେ

# ଏଥର ଅଧିକ ୩୪୨୧ ଚାଷୀ ଧାନ ବିକ୍ରି କଲେ

ଜୟପୁର,୨୦।୩(ସମିସ): ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଚଳିତ ବର୍ଷର ଖରିଫ ଧାନ କ୍ରୟ ଅନ୍ତିମ ଦିବସ ରହିଛି। ତେଣୁ ମାତ୍ର ୧୦ ଦିନ ମଧରେ ଚଳିତ ବର୍ଷ ଚାଷୀଙ୍କ ଦ୍ୱାରା ଅମଳ ଧାନ କ୍ରୟ ଶେଷ ହୋଇଯିବ। କୋରାପୁଟ ଜିଲ୍ଲାରେ ଗତ ଡିସେମ୍ବର ମାସରୁ ଧାନ କ୍ରୟ ଆରମ୍ଭ ହୋଇଥିଲା ଏବଂ ଜିଲ୍ଲାର ପଞ୍ଜିକୃତ ଏବଂ ଚାଷୀଙ୍କ ଅମଳ ଅନୁଯାୟୀ ଟୋକନ ପ୍ରଦାନ କରାଯାଇ ୪ରୁ ୫ଥର ବିଭିନ୍ନ ପର୍ଯ୍ୟାୟରେ ଧାନ କ୍ରୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତଦ୍ ଅନୁଯାୟୀ ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିରେ ଚାଷୀ ଟୋକନ ଅନୁଯାୟୀ ବିକ୍ରି କରିବାକୁ ଆଣିଥିବା ଧାନ କ୍ରୟ ହୋଇଥିଲା। ଏହି ପରିପ୍ରେକ୍ଷୀ ଚଳିତ ବର୍ଷ ଜିଲ୍ଲାରେ ୪୨ ହଜାର ୭୪୧ଜଣ ଚାଷୀ ଧାନ ମଣ୍ଡିର ବିକ୍ରି କରିବା ନେଇ ପଞ୍ଜୀକରଣ କରିଥିଲେ। କିନ୍ତୁ ଟୋକନ ଆସିବା ଏବଂ ଅନ୍ୟାନ୍ୟ କାରଣରୁ ୪୧ହଜାର ୮୯୮ ଜଣ ଚାଷୀ ସେମାନଙ୍କ ଅମଳ ଧାନ ବିକ୍ରି କରିଛନ୍ତି। ଗତ ବର୍ଷ ଠାରୁ ଚଳିତ ବର୍ଷ ୩ହଜାର ୪୨୧ ଜଣ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ଏହିପରି ଚଳିତ ବର୍ଷ ବକ୍ରି କରିଥିବା ଚାଷୀଙ୍କ ଠାରୁ ସମୁଦାୟ ୨୬ଲକ୍ଷ ୯୨ ହଜାର ୩୬୩ କୁଇଣ୍ଟାଲ ୩ କିଲୋଗ୍ରାମ ଧାନ କ୍ରୟ କରାଯାଇଛି। ଯାହା ଗତ ବର୍ଷ ଠାରୁ ଅଧିକ ୧ ଲକ୍ଷ ୮୨ହଜାର ୬୦୦ କୁଇଣ୍ଟାଲ ରହିଛି। ଚଳିତ ବର୍ଷ ବିକ୍ରି ବାବଦକୁ ୪୧ ହଜାର ୮୪୩ ଜଣ ଚାଷୀଙ୍କ ସମୁଦାୟ ୨୭କୋଟି ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ ଏତେ ପରିମାଣରେ ଚାଷୀଙ୍କ ଟଙ୍କା ପ୍ରଦାନ କରାଯାଇଥିଲେ ସୁଦ୍ଧା ପ୍ରାୟ ୫୫ ଜଣ ଚାଷୀ ଧାନ ବିକ୍ରି କରିଥିଲେ ସୁଦ୍ଧା କୌଣସି କାରଣରୁ ଟଙ୍କା ପ୍ରଦାନ ହୋଇପାରିନାହିଁ। ବର୍ତ୍ତମାନ ଚଳିତ ବର୍ଷ ଚାଷୀଙ୍କ ଖରିଫ ଅମଳ ଧାନ କ୍ରୟ ଶେଷ ହୋଇଥିଲେ ସୁଦ୍ଧା ଗତବର୍ଷ ଖରିଫ ଏବଂ ରବିଧାନ ବାବଦକୁ ମିଲର୍ସ ମାନଙ୍କ ପ୍ରଦାନ କରାଯାଇଥିବା କଷ୍ଟମ ଧାନରୁ ଚାଉଳ ଆଦାୟ କରାଯିବା ପରେ ପୁଣି। ଚଳିତ ବର୍ଷର ଖରିଫ ଧାନ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଆଦାୟ କରାଯିବ। କିନ୍ତୁ ଜିଲ୍ଲାର ବିଭିନ୍ନ ଯୋଗାଣ ନିଗମର ଏବଂ ଘରୋଇ ନିଯୁକ୍ତ ଚାଉଳ ଗ୍ରହଣ କେନ୍ଦ୍ର ଗୋଦାମରେ ଜାଗାର ଅଭାବ ଯୋଗୁଁ କଷ୍ଟମ ଧାନ ଗ୍ରହଣରେ ସମସ୍ୟା ହେଉଛି। ତେଣୁ ସରକାରଙ୍କ ପକ୍ଷରୁ ଅଗ୍ରୀମ ଭାବେ ୩ ମାସର ଚାଉଳ କାର୍ଡଧାରୀ ମାନଙ୍କୁ ପ୍ରଦାନ କରାଯାଉଥିଲେ ସୁଦ୍ଧା ମିଲର୍ସ ମାନଙ୍କ ଠାରୁ ଚାଉଳ ଗ୍ରହଣ ନିର୍ଦ୍ଧାରିତ ସମୟରେ ହୋଇପାରୁନାହିଁ। ଏହିପରି ଆବଶ୍ୟକ ଗୋଦାମ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ଦାର୍ଘ ସମୟ ପର୍ଯ୍ୟନ୍ତ କଷ୍ଟମ ମିଲିଂ ଚାଉଳ ମିଲର୍ସ ମାନଙ୍କୁ ଠାରୁ ସଂଗ୍ରହରେ ସମସ୍ୟା ସୃଷ୍ଟି ହେଉଛି । ମିଲର୍ସ ମାନେ ମଧର ଚାଉଳ ଦେବାକୁ ପ୍ରସ୍ତୁତ ହେଉଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ଯୋଗାଣ ନିଗମ ଗୋଦାମରେ ଜାଗା ଅଭାବ ଯୋଗୁଁ କଷ୍ଟମ ଚାଉଳ ଗ୍ରହଣରେ ଅସହାୟ ପ୍ରକାଶ କରୁଛନ୍ତି। ପ୍ରକାଶଯେ, ଗତ ୨୦୨୪-୨୫ ଆର୍ଥିକ ବର୍ଷରେ କୋରାପୁଟ ଜିଲ୍ଲାର ବିଭିନ୍ନ ମଣ୍ଡିରେ ୩୭ ହାଜର ୪୭୭ ଜଣ ଚାଷୀଙ୍କ ଠାରୁ ୨୫ଲକ୍ଷ୯ ହଜାର ୭୬୫ କ୍ୱିଣ୍ଟାଲ ଖରିଫ ଧାନ କ୍ରୟ ହୋଇଥିଲା। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଧାନକିଣାରେ ବୃଦ୍ଧି ପାଇ ୪୧ହଜାର ୮୯୮ଜଣ ଚାଷୀଙ୍କ ଠାରୁ ୨୬ଲକ୍ଷ ୯୨ ହଜାର ୩୬୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି।

# ମହିଳା ଆୟୋଗର ଜନଶୁଣାଣି କାର୍ଯ୍ୟକ୍ରମ



କୋରାପୁଟ,୨୦ା୩(ସମିସ): ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ ନିର୍ଯାତନା, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଓ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କୀତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ମାମଲା ବିଚାର କରାଯାଇଥିଲା। ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୫ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ସମସ୍ତ ମାମଲାର ଅଭିଯୋଗକାରୀ ଉପସ୍ଥିତ ଥିଲେ। ସେଥିମଧ୍ୟରୁ ଗୋଟିଏ ମାମଲାର ଫଏସଲା ହୋଇଥିବା ବେଳେ ୨ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। କୋର୍ଟରେ ବିଚାରଧୀନ ଥିବା ଗୋଟିଏ ମାମଲାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ହୋଇଛି । ଅନ୍ୟ ଗୋଟିଏ ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଆଜିର ଜନ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲା ଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୫ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ ହୋଇଛି। ଆୟୋଗର ସଦସ୍ୟା ପ୍ରତିଭା ଶତପଥି ଓ ମୁକ୍ତା ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ବିତ ମହାନ୍ତି, ଡେପୁଟି କଲେକ୍ଟର ସୁଶ୍ରୀ ଆକାଂକ୍ଷା ବିଶ୍ୱାଳ, କୋରାପୁଟ ଉପ-ଆରକ୍ଷୀ ଅଧୀକ୍ଷିକା ସୁଶ୍ରୀ ପୁଷ୍ପାଞ୍ଜଳି ନିଞ୍ଜି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୋସ୍ନା ରାଣୀ ପାଢି, ଜିଲ୍ଲା ସୁରକ୍ଷା ଅଧିକାରୀ ସୁଶ୍ରୀ ସବିତା ସମାଦର ଏବଂ ନବରଙ୍ଗପୁର ଜିଲ୍ଲା ସୁରକ୍ଷା ଅଧିକାରୀ ସୁଶ୍ରୀ ରମା ପଟ୍ଟନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ କରିଥିଲେ। ସେହିପରି ମହିଳା ଆୟୋଗର ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନ୍‌ସେଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ରାଉତ ଏବଂ ରାମଚନ୍ଦ୍ର ବେହେରା ପ୍ରମୁଖ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● ଖବର ପ୍ରକାଶନ ପରେ ବିଡିଓଙ୍କ କାର୍ଯ୍ୟାନୁଷ୍ଠାନ**

## ଅମ୍ବାଦଲା ବଡ଼ସାହିରେ ପାନୀୟ ଜଳ ସମସ୍ୟା ସମାଧାନ

ମୁନିଗୁଡ଼ା/ଅମ୍ବାଦଲା,୨୦ା୩ (ସମିସ)

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଲା ପଞ୍ଚାୟତର ବଡ଼ସାହୀ ଗ୍ରାମରେ ଦୁଇ ଦିନ ଧରି ପାନୀୟ ଜଳ ସମସ୍ୟା ଗୁରୁତର ଆକାର ଧାରଣ କରିଥିଲା। ସୋଲାର ଚାଳିତ ପାଣି ଯୋଗାଣ ବ୍ୟବସ୍ଥା ଅଚଳ ହୋଇ ପଡ଼ିଥିବାରୁ ପ୍ରାୟ ୨୦୦ରୁ ଅଧିକ ପରିବାର ଜଳ ସଂକଟରେ ପଡ଼ିଥିଲେ। ବାଧ ହୋଇ ଗ୍ରାମବାସୀ ସାହିରେ ଥିବା ଗୋଟିଏ ନଳକୂପ ଉପରେ ନିର୍ଭର କରୁଥିବା ସହ ଉକ୍ତ ନଳକୂପ ନିକଟରେ ମହିଳା ମାନଙ୍କ ଭିଡ଼ ଜମୁଥିଲା। ଏହି ସମସ୍ୟାକୁ ନେଇ ଖବର ପ୍ରସାରଣ ହେବା ପରେ ପ୍ରଶାସନ ତତ୍ପର କାର୍ଯ୍ୟରେ ଲାଗିପଡ଼ିଥିଲା। ମୁନିଗୁଡା ବିଡିଓଙ୍କ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଟେକ୍ନିକାଲ ଟିମ୍ ସ୍ଥଳରେ ପହଞ୍ଚି ସୋଲାର ପାଣି ପ୍ରକଳ୍ପର ମରାମତି କରିଥିଲେ। ଅତି ସ୍ୱଳ୍ପ ସମୟ ମଧ୍ୟରେ ପାଣି ଯୋଗାଣ ପୁନରୁଦ୍ଧାର ହେବାରୁ ଗ୍ରାମବାସୀ ମଧ୍ୟରେ ଖୁସିର ଲହରୀ ଦେଖାଯାଇଛି। ପାନୀୟ ଜଳ ସମସ୍ୟାର ସମାଧାନ ହେବା ପରେ ବଡ଼ସାହିର ଲୋକମାନେ ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଓ ଆର୍‌ଡବ୍ଲୁଏସ୍ଏସ୍ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶାସନର ତୁରନ୍ତ ପଦକ୍ଷେପ ଫଳରେ ସମସ୍ୟାର ସମାଧାନ ସମ୍ଭବ ହୋଇପାରିଛି।

**● ବିପଦପୂର୍ଣ୍ଣ ଅବସ୍ଥାରେ ପୌର ପରିଷଦ ଷ୍ଟଲ୍**

## ପୁନଃ ନିର୍ମାଣ କରିବାକୁ ଦାବି

କୋରାପୁଟ,୨୦ା୩(ସମିସ): କୋରାପୁଟ ପୌର ପରିଷଦ ଦ୍ୱାରା ନିର୍ମିତ ଷ୍ଟଲ ଗୁଡ଼ିକ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାର ତୁରନ୍ତ ପୁନଃ ନିର୍ମାଣ କରିବାକୁ ଦାବି ହେଉଛି। କୋରାପୁଟ ପୌର ପରିଷଦର ଜଗନ୍ନାଥ ମନ୍ଦିର ବେଢା ତଳେ ଏବଂ ହାଟପଦାରେ ନିର୍ମାଣାଧୀନ ଷ୍ଟଲ ଗୁଡ଼ିକ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଅଧିକାଂଶ ଗୃହ ଛାତରୁ



ସିମେଣ୍ଟ ସ୍ତର ଖସୁଥିବା ବେଳେ ପାଣି ଗଳୁଛି ବୋଲି ବ୍ୟବସାୟୀ ମାନେ କହିଛନ୍ତି। ଉକ୍ତ ଗୃହରେ ଜୀବନ ସୁରକ୍ଷା ନାହିଁ ବୋଲି ବ୍ୟବସାୟୀ ଏମ୍ ଶାରଦା ଅଭିଯୋଗ କରିଛନ୍ତି। ଏପରିକି ବର୍ଷା ଦିନରେ ସୁରକ୍ଷା ନିମନ୍ତେ ହେଲମେଟ ପିନ୍ଧିବାକୁ ପଡୁଛି ବୋଲି ସେ କହିଛନ୍ତି। ଗୃହ ଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସେ ଅଭିଯୋଗ କରିଛନ୍ତି। ପୌର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଛନ୍ତି। ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଥିବାରୁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ହାଟପଦା ବ୍ୟବସାୟୀ ରତ୍ନାକର ରାଉତ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡବ୍ଲୁଡ଼ି କର୍ତ୍ତୃପକ୍ଷଙ୍କୁ କାଉନ୍‌ସିଲର ମାନେ ଭେଟି ଷ୍ଟଲ ଗୁଡ଼ିକ ଯାଞ୍ଚ କରି ଅସୁରକ୍ଷିତ ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଥିଲା ବୋଲି କାଉନ୍‌ସିଲର ମାଲେଶ୍ୱର୍ ରାଓ କହିଛନ୍ତି। କୋରାପୁଟ ପୌର ପରିଷଦର ୧୪ଟି ଷ୍ଟଲ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଚିହ୍ନଟ କରାଯାଇଛି ବୋଲି ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ କହିଛନ୍ତି। ପିଡବ୍ଲୁଡି ବିଭାଗରୁ ରିପୋର୍ଟ ଆସିବା ପରେ ପୁନଃ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ୬ ମାସ ପୂର୍ବେ କୋରାପୁଟରେ ଦୁଇ ମହଲା କୋଠା ଭୁଶୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଅଘଟଣ ଘଟିବା ପୂର୍ବରୁ ଯୁଗ୍ମ ଯାଞ୍ଚ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ମାଁ ଚୈତ୍ରାଇ ଓ ବୁଢ଼ୀ ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ନାରାୟଣପାଟଣା,୨୦ା୩(ସମିସ): ନାରାୟଣପାଟଣା ଅଞ୍ଚଳବାସୀଙ୍କ ଆରାଧ ଦେବୀ ମାଁ ଚୈତ୍ରାଇ ଓ ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଢ଼ୀ ଠାକୁରାଣୀ , ସାନ ଠାକୁରାଣୀ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂଜା କମିଟିର ଅଧକ୍ଷ ତଥା ବ୍ଲକ ଅଧକ୍ଷ ଗୋଲାଡୀ ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ବିକ୍ରମ କୁମାର ଦୋରା, ଥାନା ଅଧିକାରୀ ମମତା ପଣ୍ଡା, ରାଜସ୍ୱ ବିଭାଗର ସୁପର ଭାଇଜର ଅର୍ଜୁନ ବିଲେଇପଡ଼ିଆ, ଆରଆଇ ଜଗନ୍ନାଥ ସାଉନ୍ତା, ସରପଞ୍ଚ ରେବତୀ କୁନ୍ଦାରିଆ, କମିଟିର ସଭାପତି ଦୟାନିଧି ପ୍ରଧାନ, କାର୍ଯ୍ୟକାରୀ ସଭାପତି, ପି ନବୀନ ସୁବୁଦ୍ଧି, ଉପସଭାପତି ପର୍ଶୁରାମ ତାଡିଙ୍ଗି, ସମ୍ପାଦକ ସାତିପିଲି ତ୍ରିନାଥ,କୋଷାଧକ୍ଷ୍ୟ ରମେଶ ଦାସ, ଆଇନଜୀବୀ ଲଳିତ ନାରାୟଣ ପରିଡା, ଘଟଧାରୀ ନାରାୟଣବୈଦ୍ୟଙ୍କ ସମେତ ବୁଦ୍ଧିଜୀବୀ, ଜନସାଧାରଣ, ମାଙ୍କ ସେବକ ମାନେ ଓ ପୂଜାରୀ ମାନେ ଯୋଗଦେଇଥିଲେ ଓ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ନଅ ଦିନ ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ମମତା ପଣ୍ଡା କହିଥିଲେ ଓ କିପରି ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ପରିଚାଳିତ ହେବ ସେ ନେଇ ଉପସ୍ଥିତ ସମସ୍ତେ ନିଜ ନିଜର ମତ ରଖିଥିଲେ। ଆସନ୍ତା ୨୩ ତାରିଖ ସୋମବାର ଦିନ ମାଁ ବୁଢୀଠାକୁରାଣୀଙ୍କୁ ଗ୍ରାମର ଅସ୍ଥାୟୀ ମନ୍ଦିରକୁ ପାରମ୍ପରିକ ରୀତିରେ ଅଣାଯିବ । ସେହିପରି ଅପ୍ରେଲ ୫ ତାରିଖ ରବିବାର ଦିନ ବଡ ଠାକୁରାଣୀ (ଚୈତ୍ରାଇ)ଙ୍କୁ ଅଣାଯିବ ଓ ନଅ ଦିନ ଉଭୟ ଠାକୁରାଣୀ ତେରଟି ଘଟ ରୂପରେନଗର ପରିକ୍ରମା ସହ ଗ୍ରାମର ପ୍ରତ୍ୟେକ ସାହିରେ ପୂଜାପାଇ ୮ ତାରିଖ ଦିନ ସ୍ୱସ୍ଥାନକୁ ଫେରିବେ ଓ ରାଜ ରାଜୁଡା ଅମଳରୁ ପାଳିତ ହୋଇ ଆସୁଥିବା ଏହି ଯାତ୍ରାକୁ ଚଳିତ ବର୍ଷ ଯାକଜମକରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

## ସ୍ୱଦେଶୀ ଜାଗରଣ ମଞ୍ଚର ସମ୍ବର୍ଦ୍ଧନା ସଭା

କୋରାପୁଟ,୨୦ା୩ (ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ସ୍ଥାନୀୟ ଗୁରୁକୁଳ ବିଦ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱଦେଶୀ କାର୍ଯ୍ୟକର୍ତ୍ତା ମନୋରଞ୍ଜନ ରାଉତରାୟଙ୍କୁ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ଦାୟିତ୍ୱ ଦିଆଯାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ, ମାର୍ଚ୍ଚ ୭/୮ ତାରିଖରେ, ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ପରିଷଦର ଦୁଇଦିନିଆ




ବୈଠକ ରାଜସ୍ଥାନ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ୪୨୫ ଜଣ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ। ଘରେ ଘରେ ସ୍ୱଦେଶୀ ବିଚାରଧାରାକୁ ପ୍ରସାର କରିବା ପାଇଁ ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମ ଏବଂ ଅଭିଯାନର ରୂପରେଖ ଆଲୋଚନା କରାଯାଇଥିଲା। କୋରାପୁଟର ସ୍ୱଦେଶୀ କାର୍ଯ୍ୟକର୍ତ୍ତା ମନୋରଞ୍ଜନ ରାଉତରାୟଙ୍କୁ ପ୍ରାନ୍ତ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିଲା। ମଞ୍ଚର ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବି ନାରାୟଣ ମିଶ୍ର, ଜିଲ୍ଲା ସହ ସଂଯୋଜକ କେଶବ ପଟ୍ଟନାୟକ, ଭେଙ୍କଟେଶ୍ୱର ମିଶ୍ର, ପ୍ରିୟରଞ୍ଜନ ଦାଶ, ଦିଗାମ୍ବର ଷଡଙ୍ଗୀ, ତନ୍ମୟ ପ୍ରଧାନ, ନୀଳମଣି ଦାସ, ରାଧାକାନ୍ତ ଶତପଥୀ, ଶାରଦା ଖୁଣ୍ଟିଆ, ମନ୍ମଥନାଥ ପାଢ଼ୀ, ପ୍ରଦୀପ୍ତ ବାରିକ, ରତିକାନ୍ତ ମହାପାତ୍ର ଓ ସମୀର ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ସେମିଳିଗୁଡା/ଦାମନଯୋଡ଼ି, ୨୦ା୩ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିର ନାଲ୍‌କୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ଅଧକ୍ଷ ଡ଼. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଦସ୍ୟ ତଥା ନାଲ୍‌କୋ ବିତ୍ତ ବିଭାଗର ମହା ପ୍ରବନ୍ଧକ ପ୍ରଶାନ୍ତ କୁମାର ମହାରଣା ଏବଂ ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର ଅତିଥି ରୂପେ ଯୋଗଦେଇ ଦୀପପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଙ୍ଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଦୀପ ମନ୍ତ୍ର ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ସହିତ ଦିବସର ଗୁରୁତ୍ୱ ପ୍ରଦାନ କରି ଛାତ୍ରଛାତ୍ରୀ ମାନଙ୍କ ଉଲ୍ଲେଖନୀୟ ସଫଳତା ନିମନ୍ତେ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶିଶୁ ପ୍ରାରମ୍ଭ ଠାରୁ ଦ୍ୱାଦଶ ଶ୍ରେଣୀପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଶିକ୍ଷୟିତ୍ରୀ ଗୋଧୂଳି ଦୋରା, ଅନୁରାଧା ପଟ୍ଟନାୟକ କୁନି, ହରିପ୍ରିୟା ଦାଶ ତାଙ୍କୁ ସହାୟତା କରିଥିଲେ। ଶେଷରେ ବିଦ୍ୟାଳୟରର ଭାରପ୍ରାପ୍ତ ଉପାଧକ୍ଷ ପ୍ରଦୀପ କୁମାର ଜଗତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ନିମନ୍ତେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସେମାନଙ୍କର ଶୁଭେଚ୍ଛା ଜଣାଇଥିଲେ।

## ସଦାଶିବ ପ୍ରାଥମିକ ଶିକ୍ଷକ ସଂଘର ସହ-ସମ୍ପାଦକ ମନୋନୀତ


ପୋଡ଼ାଗଡ଼,୨୦ା୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସହ ସମ୍ପାଦକ ଭାବରେ ସଦାଶିବ ପ୍ରଧାନୀ ମନୋନୀତ ହୋଇଛନ୍ତି। ସୁଚନାଅନୁସାରେ, ଏହି ପଦବୀରେ କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାମ କନ୍ଦପାନ ଥିଲେ। କିନ୍ତୁ ଦାମ କନ୍ଦପାନ ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହେଲା ପରେ ବ୍ଲକ ସହ ସଂପାଦକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଥିଲା। ଆଜି ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତିଙ୍କ ଦ୍ୱାରା ଏକ ନିର୍ବାଚନୀ ସଭା କରାଯାଇଥିଲା। ସଂଘର ଶତ ପ୍ରତିଶତ ଶିକ୍ଷଙ୍କ ସଦାଶିବଙ୍କୁ ସହ ସମ୍ପାଦକ ଭାବରେ ମନୋନୀତ କରିଥିଲେ।

## ହୋଟେଲ ବନ୍ଦ, ଚିନ୍ତାରେ କର୍ମଚାରୀ

ଉମରକୋଟ,୨୦ା୩(ସମିସ): ବ୍ୟବସାୟିକ ଗ୍ୟାସ୍ ମିଳୁନଥିବାରୁ ସମ୍ପୂର୍ଣ୍ଣ ଭାବେ ଛୋଟ ଛୋଟ ହୋଟେଲ ବ୍ୟବସାୟ ଠପ୍ ହୋଇଯାଇଛି। ଉମରକୋଟ ଅଞ୍ଚଳରେ ମଧ ଛୋଟ ଓ କିଛି ବଡ ହୋଟେଲ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ହୋଟେଲ ସମ୍ମୁଖରେ "ଗ୍ୟାସ ନ ମିଳିବାରୁ ହୋଟେଲ ବନ୍ଦ' ବୋଲି ବୋର୍ଡ ଟଙ୍ଗା ଯାଇଛି। ଅପର ପକ୍ଷରେ ବହୁଦିନ ଧରି ହୋଟେଲ ବନ୍ଦ ହୋଇଯାଇଥିବା ବେଳେ ଗ୍ୟାସ୍ ସେବା କେବେ ଯୋଗାଇ ଦିଆଯିବ, ହୋଟେଲ କେବେ ସ୍ୱାଭାବିକ ଭାବେ ଖୋଲାଯିବ ତାହା ସ୍ପଷ୍ଟ ହୋଇପାରୁ ନ ଥିବାରୁ ହୋଟେଇ କର୍ମଚାରୀ ମାନଙ୍କ ଜୀବନ ଜିବିକା ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବାହାର ଜିଲ୍ଲା ଓ ରାଜ୍ୟରୁ ଆସିଥିବା ହୋଟେଲ କର୍ମଚାରୀ ମାନେ ନିଜ ନିଜ ଗ୍ରାମକୁ ଫେରି ଯାଉଥିବା ବେଳେ ସ୍ଥାନୀୟ କର୍ମଚାରୀ ମାନେ ପରିବାରର ଭରଣ ପୋଷଣ ପାଇଁ ଅନ୍ୟ କିଛି କାମ କରିବା ପାଇଁ ଏଣେତେଣେ ଘୁରିବୁଲୁଥିବା ଦେଖିବାକୁ ମିଳିଛି। ଗ୍ୟାସ୍ ନମିଳିବାରୁ ସାଧାରଣରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଗ୍ୟାସ୍ ନ ମିଳିବାରୁ ଇଲେକ୍ଟ୍ରୋନିକ୍ ଚୂଲାର ଚାହିଦା ଅଧିକ ରହିଛି। ମକାନଡାର ଚାହିଦା ଅଧିକ ରହିଛି। ଗ୍ୟାସ୍‌ର କଳାବଜାରୀକୁ ଦୂର କରାଗଲେ ବ୍ୟବସାୟୀ ଓ କର୍ମଚାରୀମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରୁଛନ୍ତି।

## ତେନ୍ତୁଳିଖୁଣ୍ଟିରେ ଆଇନ ସଚେତନତା କର୍ମଶାଳା

ତେନ୍ତୁଳିଖୁଣ୍ଟି,୨୦ା୩(ସମିସ): ତେନ୍ତୁଳିଖୁଣ୍ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ପଞ୍ଚାୟତ ସମିତି ପରିସରରେ ଏକଦିନିଆ ଆଇନ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭାନା ମହାନ୍ତି ଉପସ୍ଥିତ ଥିବାବେଳେ ବିଧାୟକ ପ୍ରତିନିଧି ନନ୍ଦନନ୍ଦନ ବିଷୋୟୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଯୋଗ ଦେଇଥିଲେ। ସମାଜସେବୀ ମନୋରମା ମାଝି, ଆଇନଜୀବୀ କିଶୋରୀ ପଟ୍ଟନାୟକ ଓ ବିନୟ ଛାତି ମଧ କର୍ମଶାଳାରେ ଯୋଗଦେଇ ଆଇନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ମତାମତ ରଖିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୀତା ଜେଠୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଓ ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦାଣ୍ଡପାଟ ଉପସ୍ଥିତ ଥିଲେ। କର୍ମଶାଳାରେ ମହିଳା ଓ ଶିଶୁ ସୁରକ୍ଷା, ଘରୋଇ ହିଂସା ନିରୋଧ,ଶିଶୁ ଅଧିକାର ଓ ବିଭିନ୍ନ ଆଇନୀ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଅଭିଭାଷକମାନେ ସାଧାରଣ ଲୋକଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହ ଆଇନକୁ ସଠିକ୍ ଭାବେ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ। ଏହି କର୍ମଶାଳାରେ ଅଙ୍ଗନବାଡି କର୍ମୀ, ଏମବିକେ,ସିଆରପି,ବିଭିନ୍ନ ସ୍କୁଲରୁ ଛାତ୍ରଛାତ୍ରୀ, ସମସ୍ତ ବ୍ଲକ କର୍ମଚାରୀ ଏବଂ ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ ସୁପରଭାଇଜର ଯୋଗ ଦେଇଥିଲେ। ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସଞ୍ଜୀବ କୁମାର ବେହେରା,ବିପିଏ ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ଆକାଂକ୍ଷା ବ୍ଲକ ସହଯୋଗୀ କିରଣ ପ୍ରଧାନ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଅଂଶଗ୍ରହଣ କରିଥିଲେ।




## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ



ନନ୍ଦପୁର, ୨୦ା୩ (ସମିସ): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ଖବର ଅନୁସାରେ ନନ୍ଦପୁର ବ୍ଲକ୍ ଖୁର୍ଜି ପଞ୍ଚାୟତ ଅନ୍ତର୍ଗତ ଯୋଗୀପୁଟ ଗ୍ରାମ ନିକଟସ୍ଥ ଏକ ବ୍ରିଜ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ କାନ୍ତ ମୁଦୁଲି ଶୁକ୍ରବାର ସକାଳେ ପୋଲ ଉପରେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚିତଯେ କୋରାପୁଟ ନାରାୟଣ ବିଶୋଇ ଠିକାଦାରଙ୍କ ଦ୍ୱାରା ହେଉଥିବା ଯୋଗୀପୁଟ ଗ୍ରାମର ବିଜୁ ସେତୁ ନିର୍ମାଣ କାର୍ଯ୍ୟରେ ଠିକା କାର୍ଯ୍ୟ କରୁଥିବା ଶ୍ରମିକ କାନ୍ତ ମୁଦୁଲି ସକାଳେ ପୋଲ ଉପରେ ରହି କାର୍ଯ୍ୟ କରୁଥିବା ସମୟରେ ପୋଲ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇଥିଲେ। ତୁରନ୍ତ ସହକର୍ମୀ ମାନେ ତାଙ୍କୁ ଉଠାଇ ନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଙ୍କ ଘର କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ବୋଲି ଜଣାପଡ଼ିଛି।

## 'ଦାରୁଦେବତା' ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ

କୋରାପୁଟ,୨୦ା୩(ସମିସ): ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସରକାରୀ ଡିଏଭି ମହାବିଦ୍ୟାଳୟ, କୋରାପୁଟର ମିଳିତ ଆନୁକୂଲ୍ୟରେ ଡକ୍ଟର ବେଣୀମାଧବ ପାଢ଼ୀଙ୍କ "ଦାରୁଦେବତା" ଶୀର୍ଷକ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମେଳନ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର




ପାଢ଼ୀ ଓ ଅନ୍ୟ ଅତିଥିବୃନ୍ଦ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ। ସ୍ୱାଗତ ଅଭିଭାଷଣ ଦେଇଥିଲେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଲୋପାମୁଦ୍ରା ସ୍ୱାଇଁ। ଉଦ୍‌ଘାଟକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡ. ବେଣୀମାଧବ ପାଢ଼ୀଙ୍କ ପରିଚୟ ପ୍ରଦାନ ପୂର୍ବକ ନିଜର ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଡ. ନିଳାଦ୍ରୀନାଥ ଦାସ ପୁସ୍ତକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଆଦିବାସୀ ଗବେଷକ ପ୍ରଫେସର ଡ. ଜଗବନ୍ଧୁ ସାମଲ ଦାରୁଦେବତା ପୁସ୍ତକରେ ଶାବର ସଂସ୍କୃତି ସହ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତ ଦୀପକ କୁମାର ପଟ୍ଟନାୟକ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଦାରୁଦେବତା ଶୀର୍ଷକରେ ନିଜର ବିଚାର ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ପ୍ରୀତିଧାରା ସାମଲ ସଭା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ପ୍ରଶାନ୍ତ ସାନ୍ତରା। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକାଙ୍କ ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଡ. ସୁଶୀଳ କୁମାର ଗଡ଼ନାୟକ, ଡ. ବ୍ରହ୍ମଚାରୀ ଖମାରୀ ,ଡ. ଲହରୀ ବେହେରା, ଡ. ସନ୍ଧ୍ୟା ପଟ୍ଟନାୟକ, ଡ. ଡଲି ଚୌଧୁରୀ, ନାରାୟଣ ପଣ୍ଡା, ରବି ଶତପଥୀ, ସିଏଚ୍ ଶାନ୍ତାକାର, ରମେଶ ସାହୁ ଓ ଜାହ୍ନବୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

**ଅସମ୍ପୂର୍ଣ୍ଣ 'ଆବାସ' ଯନ୍ତ୍ରଣା**

## ହିତାଧିକାରୀ ଓ ପ୍ରଶାସନିକ ଅଧିକାରୀ ହନ୍ତସନ୍ତ





ନନ୍ଦପୁର,୨୦ା୩(ସମିସ): ଆବାସ ଯନ୍ତ୍ରଣାରେ ପେଶି ହେଉଛନ୍ତି ଉଭୟ ହିତାଧିକାରୀ ଓ ପ୍ରଶାସନ। ଗରିବ ଲୋକଙ୍କୁ ସରକାର ଆବାସ ଯୋଜନାରେ ସାମିଲ କରି ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନିର୍ମାଣ କରିବାକୁ ୧ ଲକ୍ଷ ୩୦ ହଜାର ଟଙ୍କା ଆର୍ଥିକ ମଞ୍ଜୁରୀ କରାଯାଉଛି। ସରକାରଙ୍କ ଓ ପ୍ରଶାସନ ଆବାସ ଘଣାରେ ପେଶି ହେଉଛନ୍ତି । ବର୍ତ୍ତମାନ ବର୍ଦ୍ଧିତ ଦର ଦାମ ଅନୁସାରେ ଆବାସ ଗୃହ ପାଇଁ ଉଦ୍ଦିଷ୍ଟ ଅର୍ଥ ଗୃହ ନିର୍ମାଣରେ ବାଧକ ସାଜିଛି । ପ୍ରଦାନ କରାଯାଉଥିବା ଆବାସ ଅର୍ଥ କେବଳ ଘର ଫାଉଣ୍ଡେସନରେ ଖର୍ଚ୍ଚ ହେଉଥିବା ବେଳେ ଆବାସ ନିର୍ମାଣରେ ବିଳମ୍ବ ସାଙ୍ଗକୁ

**ଗୃହ ନିର୍ମାଣ ଅନୁଦାନ ୩ ଲକ୍ଷକୁ ବୃଦ୍ଧି ପାଇଁ ଦାବି**

ଏହି ଯୋଜନା ଯୁଗାନ୍ତକାରୀ ଯୋଜନା ମଧ୍ୟରୁ ଗୋଟିଏ। ହେଲେ ବର୍ତ୍ତମାନ ଏହି ଯୋଜନାର ଅର୍ଥ ରାଶି ଗୃହ ନିର୍ମାଣରେ କେତେ ସହାୟକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ଦିବ୍ୟାଙ୍ଗଙ୍କ ଠାରୁ ଆରମ୍ଭ କରି ଗରିବ ଅସହାୟଙ୍କୁ ସରକାର ଭଲ ଘର, ଭଲ ଛାତ ତଳେ ମୁଣ୍ଡ ଗୁଞ୍ଜିବା ଯେଉଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ତାହା କେତେ ସହାୟକ ହେଉଛି ସେ ନେଇ ସାଧାରଣରେ ଆଲୋଚନା ହେଉଛି। ଉଭୟ ହିତାଧିକାରୀ କଷ୍ଟସାଧ ହେଉଛି ବୋଲି ହିତାଧିକାରୀ ମାନେ କହିଛନ୍ତି। ସେପଟେ ଠିକଣା ସମୟରେ ଆବାସ ନିର୍ମାଣରେ ବିଳମ୍ବକୁ ନେଇ ତଳ ଠାରୁ ଉପର ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀଙ୍କ ମୁଣ୍ଡ ବ୍ୟାଥ ପାଲଟୁଛି। କାହା ଦରମା ବନ୍ଦ ତ କାହାକୁ କୈଫିୟତ ତଲବ୍ କରାଯାଉଛି। ଏ ନେଇ ବ୍ଲକ ଉପାଧକ୍ଷ ଗୋପାଳ ହନ୍ତାଳ କହିଛନ୍ତି ବର୍ତ୍ତମାନ ବର୍ଦ୍ଧିତ ଦରଦାମକୁ ଆଖି ଆଗରେ ରଖି ସରକାର ଆବାସ ଯୋଜନାରେ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରିବା କଥା । ନିଜ ନିଜ ଦରମା ପାଇଁ ଦାବି କରୁଥିବା ବିଧାୟକମାନେ କେବେ ହେଲେ ବିଧାନସଭାରେ ଗରିବ ଆବାସ ହିତାଧିକାରୀମାନଙ୍କ ଗୃହ କଥା ଆଲୋଚନା କରୁନାହାନ୍ତି। ସରକାର ଏହା ନିର୍ମାଣ ଖର୍ଚ୍ଚ ବୃଦ୍ଧି କରିବାକୁ ଶ୍ରୀ ହନ୍ତାଳ ଦାବି କରିଛନ୍ତି।

# ପଖାଳ ଦିବସ ପାଳିତ

ଏମଭି-୭ ୯,୨୦।୩ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭ ୯ ଠାରେ ଯୁବଗୋଷ୍ଠୀ ପକ୍ଷରୁ ପଖାଳ ଦିବସ ପାଳିତ ହେଇଯାଇଛି। ମାଲକାନଗିରି ଜିଲ୍ଲାରେ ବହୁ ଭାଷାଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ଆଜି ସମସ୍ତେ ଏକତ୍ରିତ ହୋଇ ଏହି ପଖାଳ ଦିବସକୁ ପାଳନ କରିଥିବା ଦେଖିବାକୁ ମିଳିଛି। ଆଜି ମଧ୍ ଏମଭି ୭ ୯ ର ଯୁବ ଗୋଷ୍ଠୀ ଏହି ପଖାଳ ଦିବସ ଟିକୁ ଖୁବ୍ ଧୁମ୍ ଧାମ୍ ରେ ପାଳନ କରିବାର ଦେଖିବାକୁ ମିଳିଛି। ଯୁବ ଗୋଷ୍ଠୀଙ୍କ କହିବା ଅନୁସାରେ ପ୍ରତି ବର୍ଷ ଏହି ପଖାଳ ଦିବସ ପାଳନ ହେଉଛି। ଭାତରେ ପାଣି ଦେଇ ସେଥିରେ ଦହି, ଲେମ୍ବୁପତ୍ର, ସୋରିଷ ଲଙ୍କା ଛୁଙ୍କ କରି ପ୍ରସ୍ତୁତ କରାଯାଏ ପଖାଳ। ପୁଣି ପଖାଳ ସହିତ ବିଭିନ୍ନ ପ୍ରକାରର ଚଟଣି ଲୋକେ ଖାଇଥାନ୍ତି। ଧନିଆ, ନ?ଆ, ପୁଦିନା, ଆମ୍ବ, କରମଙ୍ଗା, ତେନ୍ତୁଳି, ଆମ୍ବୁଲ ସମେତ ସୁନୁସୁନିଆ, ଲେଉଟିଆ, ସଜନା, କଳମ ଆଦି ବିଭିନ୍ନ ପ୍ରକାରର ଶାଗଭଜା, ବିଭିନ୍ନ ପ୍ରକାର ଆଚାର ପଖାଳର ସ୍ୱାଦକୁ ବହୁଗୁଣିତ କରିଦିଏ। ପୁଣି ପଖାଳ ମଧ୍ୟ ବିଭିନ୍ନ ପ୍ରକାର ଯଥା ଟାଇଁ ପଖାଳ, ବାସି ପଖାଳ, ଜିରା ପଖାଳ, ଦହି ପଖାଳ ଇତ୍ୟାଦି। ଆଜିର ଏହି ପଖାଳ ଦିବସରେ କିଛି ବରିଷ୍ଠ ସାମ୍ବାଦିକ ଉପସ୍ଥିତ ଥିଲେ। ଆୟୋଜକ ଆଶିଷ କୁମାର ବାଇନ ଓ ସଂଜୀବ ହାଲଦାର, ଅମିତ ମଣ୍ଡଳ, ରାକେଶ ମଣ୍ଡଳ, ତପନ କୀତନିଆ, ରିକି ବାରିକ, ବିରାଜ ମଣ୍ଡଳ, ଭିକୁ ଢାଲି, ସୁଦିପ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରନ୍ଧନ ଗ୍ୟାସ୍ ସମସ୍ୟା ପାଇଁ ଏଥର କମ୍ ଆଇଟମ୍ ହୋଇଥିବା ଜଣାପଡ଼ିଛି।

# ୧୦ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ



ରାୟଗଡ଼ା,୨୦।୩(ସମିସ): ଆଜି ରାୟଗଡା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗ ପକ୍ଷରୁ ୪ଜଣିଆ ଏନଫୋର୍ସମେଂଟ ସ୍କାର୍ଡ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଆକସ୍ମିକ ଚଢାଉ କରାଯାଇଥିଲା। ସହରର ଭିକି ଟିଫିନ ପାର୍ଲରରୁ ୩ଟି, ମା'ତାରିଣୀ ହୋଟେଲ ଆଣ୍ଡ ଫାଷ୍ଟଫୁଡ,ମଂଟୁ ଟିଫିନ ଷ୍ଟଲ ଓ ଉମା ହୋଟେଲରୁ ଗୋଟିଏ ଲେଖାଁଏ ୩ଟି ଏବଂ ହୋଟେଲ ଜଗନ୍ନାଥରୁ ୩ଟି ଭଳି ମୋଟ ୧୦ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରି ଜୋରିମାନା ଆଦାୟ କରିଛନ୍ତି। ସଂପୃକ୍ତ ବ୍ୟବସାୟୀମାନଙ୍କୁ ଆଗାମୀ ଦିନରେ ଏପରି ଅନିୟମିତତା ନ କରିବାକୁ ସତର୍କ କରାଯାଇଥିବା ଜଣାପଡିଛି। ଏହି ଚଢ଼ଉରେ ଜିଲ୍ଲା ମୁଖ୍ୟାଳୟ ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସଓ) ସରୋଜ କୁମାର ସାହୁ, ରାୟଗଡ଼ା ସଦର ଅତିରିକ୍ତ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଖିଲୋ,ରାୟଗଡ଼ା ପୌରାଞ୍ଚଳ ଓ ବ୍ଲକ ଯୋଗାଣ ନିରୀକ୍ଷକ ମାନସ ରଂଜନ ସୁନା, ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଯୋଗାଣ ନିରୀକ୍ଷକ ମହେନ୍ଦ୍ର ରଏ ପ୍ରମୁଖ ସାମିଲ ହୋଇଥିଲେ। ଏଭଳି ଚଢାଉ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ଏସିଏସଓ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ପଟାଙ୍ଗିରେ ଜନଗଣନା ତାଲିମ

ପଟାଙ୍ଗି,୨୦।୩(ସମିସ): ପଟାଙ୍ଗି ସ୍ଥିତ ପ୍ରଧାନମନ୍ତ୍ରୀ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବହୁ ପ୍ରତୀକ୍ଷିତ ଜନଗଣନା-୨୦୨୭ ପର୍ଯ୍ୟାୟ-୧ ଗୃହ ତାଲିକା ଏବଂ ଗୃହ ଗଣନା ଅନ୍ତର୍ଗତ ପର୍ଯ୍ୟବେକ୍ଷକ ଏବଂ ଗଣନାକାରୀଙ୍କ ପାଇଁ ତାଲିମର ପ୍ରଥମ ବ୍ୟାଚ୍ ଆଜି ଶେଷ ହୋଇଛି। କୋରାପୁଟ ଜିଲ୍ଲାର ଏହି ଆଦିବାସୀ ବହୁଳ ଅଞ୍ଚଳରେ ସଠିକ୍ ଡିଜିଟାଲ୍ ତଥ୍ୟ ସଂଗ୍ରହ ପାଇଁ ଆବଶ୍ୟକୀୟ ଦକ୍ଷତା ବୃଦ୍ଧି ନିମନ୍ତେ ତିନି ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ଏବଂ ତହସିଲର ଚାର୍ଜ ଅଫିସର ଦେବେନ୍ଦ୍ର ଧରୁଆଙ୍କ ନେତୃତ୍ୱରେ କରାଯାଇଥିଲା। ପ୍ରମୁଖ କ୍ଷେତ୍ର ପ୍ରଶିକ୍ଷକ ଆଶିଷ କୁମାର ଦାସ ଏବଂ ସତ୍ୟ ନାରାୟଣ ଖରା ଏହି ଅଧିବେଶନ ଗୁଡ଼ିକର ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଜନଗଣନା ପ୍ରୋଟୋକଲ, ମୋବାଇଲ୍ ଆପ୍ ବ୍ୟବହାର ଏବଂ କ୍ଷେତ୍ର ତାଲିମ ଉପରେ ପର୍ଯ୍ୟବେକ୍ଷିତ ଥିଲା। ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ ଏବଂ ଡିଲିଂ ଆସିଷ୍ଟାଣ୍ଟ ଜି. ସୁଜିତ କାର୍ଯ୍ୟକ୍ରମକୁ ସୁଚାରୁରୂପେ କରିବାରେ ସାହାଯ୍ୟ କରିଥିଲେ।

# ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା



ମାଲକାନଗିରି,୨୦।୩(ସମିସ): ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ପ୍ରଶାସନକୁ ଅଧିକ କ୍ରିୟାଶୀଳ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସିଧାସଳଖ ପ୍ରେରଣା ଓ ତତ୍ତ୍ୱାବଧାନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରଶାସନିକ ଉତ୍କର୍ଷତା ପାଇଁ ଏଆଇ ଟୁଲ୍‌ର ପ୍ରୟୋଗ ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃତ୍ରିମ ବୁଦ୍ଧିମତା କିପରି ସରକାରୀ ଦୈନନ୍ଦିନ କାର୍ଯ୍ୟକୁ ସହଜ ଓ ତ୍ରୁଟିଶୂନ୍ୟ କରିପାରିବ ସେ ନେଇ ଏହି କର୍ମଶାଳାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ଏଆଇ ପ୍ରୟୋଗ ଦ୍ୱାରା ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ବିଶେଷଜ୍ଞମାନେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଭୁବନେଶ୍ୱର ଓକାକ୍ କେନ୍ଦ୍ରରୁ ଆସିଥିବା ସିନିୟର୍ ଡେଭଲପର ସମ୍ବିତ୍ ଶୁଭାଶିଷ ସାହୁ ଓ ଜୁନିଅର୍ ଡେଭଲପର ଭାବେଶ କୁମାର ମହାନ୍ତି ଏଆଇ ଟୁଲ୍‌ର ବ୍ୟବହାରିକ ଦିଗ ଉପରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସୁଭାଷିଷ ପଟ୍ଟନାୟକ ସୁଚାରୁ ରୂପେ ପରିଚାଳନା କରିଥିଲେ। ଜିଲ୍ଲାର ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାରୀ ଫାଇଲ୍ ପ୍ରସ୍ତୁତିଠାରୁ ଆରମ୍ଭ କରି ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ପର୍ଯ୍ୟନ୍ତ ସବୁଥିରେ ଏଆଇର ବ୍ୟବହାର ଦ୍ୱାରା ସମୟ ବଞ୍ଚିବା ସହ କାମରେ ସଠିକତା ଆସିବ ବୋଲି ଜିଲ୍ଲାପାଳ ଆଶା ପ୍ରକଟ କରିଛନ୍ତି। କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ପ୍ରଯୁକ୍ତିବିଦ୍ୟାକୁ ଆପଣେଇବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି।

## ମିଳୁନି ଜମି ଅଧିଗ୍ରହଣ କ୍ଷତିପୂରଣ ଅର୍ଥରାଶି

# କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ଜମିହରା ଚାଷୀ



ରାୟଗଡା,୨୦।୩(ସମିସ): ଜମି ଅଧିଗ୍ରହଣ ପରେ କ୍ଷତିପୂରଣ ବାବଦକୁ ମିଳିବାକୁ ଥିବା ଅର୍ଥ ରାଶି ଦୀର୍ଘ ବର୍ଷ ହେଲା ପ୍ରଦାନ କରାଯାଉ ନ ଥିବା ଏବଂ ଅନେକ ଥର ଦାବି କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବାରୁ ଆଜି କ୍ଷତିପୂରଣ ଦାବି କରି ରାୟଗଡା ଜିଲ୍ଲା କୋଲନରା ବ୍ଲକ ପୂଜାରୀଗୁଡା ଗ୍ରାମର ପ୍ରାୟ ୩୦ଜଣ ଚାଷୀ ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ସମୟରେ ତାଲା ପକିଇଥିଲେ। ଜମି ହରାଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ନ ମିଳିଲା ଯାଏଁ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିବୁ ବୋଲି ଜିଦ ଧରି ଚାଷୀ ମାନେ ବସି ରହିଥିଲେ। ଫଳରେ କାର୍ଯ୍ୟାଳୟରେ ତାଲା ପକାଇବା ଯୋଗୁଁ କର୍ମଚାରୀମାନେ ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟାଳୟରେ ତାଲା ପକାଯାଇଥିବା ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ପ୍ରଶାସନିକ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ କହିଥିଲେ। ଅପରାହ୍ନ ପ୍ରାୟ ୫ଟା ସମୟରେ ସ୍ଥାନୀୟ ଭୁ ଅର୍ଜନ ଅଧିକାରୀଙ୍କ ସମେତ ବିଭାଗୀୟ ଏସଡ଼ିଓ, ଅମିନ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ କ୍ଷତିପୂରଣ ବାବଦକୁ ମିଳିବାକୁ ଥିବା ଅର୍ଥରାଶି ଆଗାମୀ ୩ମାସ ମଧ୍ୟରେ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶୃତି ମିଳିବା ପରେ ଚାଷୀମାନେ କାର୍ଯ୍ୟାଳୟ ଫାଟକରୁ ତାଲା ଖୋଲି ଥିବା ନେଇ ଚାଷୀ ଏଙ୍କେଟି ପେରିସିକା ପ୍ରକାଶ କରିଛନ୍ତି। ସୂଚନା ପ୍ରକାରେ ରାୟଗଡା ଜିଲ୍ଲା କୋଲନରା ବ୍ଲକର ପୁଜାରୀଗୁଡା ଗ୍ରାମରେ ଥିବା ଚାଷୀ ମାନଙ୍କ ଆର୍ଥିକ ମାନ ଦଣ୍ଡ ବୃଦ୍ଧି କରିବା ପାଇଁ ଗ୍ରାମରେ ଏକ ଜଳ ଭଣ୍ଡାର ଓ ଜଳ ସେଚନ ନିମନ୍ତେ ଏକ କେନାଲ ଖୋଳା ଯାଇଥିଲା। ଜଳ ଭଣ୍ଡାର ଯୋଗୁଁ ଚାଷୀ ମାନଙ୍କ ଚାଷ ଜମି ପାଣିରେ ବୁଡିଗଲା ଏବଂ କେନାଲ ଖୋଳିବା ଦ୍ୱାରା ମଧ୍ୟ ଅନେକ ଚାଷୀଙ୍କ ଜମି କେନାଲ ମଧ୍ୟରେ ରହିଗଲା। ଏହି ପ୍ରକଳ୍ପ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୫ ଏକର ୮ ସେଣ୍ଟ ଜମି ଅଧିଗ୍ରହଣ କରାଯାଇଥିଲା। ତେବେ ଚୁକ୍ତି ଅନୁଯାୟୀ ଜମିହରା ଚାଷୀ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ପାଇ ନାହାନ୍ତି ଏବଂ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ଜମିହରା ଚାଷୀ ଦୀର୍ଘ ୧୫ବର୍ଷ ଧରି ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରି ନ ଥିଲେ। ତଥାପି କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି। ତେବେ ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବା ପରେ ଉକ୍ତ ୫. ୮ଏକର ଜମିର କ୍ଷତିପୂରଣ ଟଙ୍କା ଆକଳନ କରାଯାଇ ଗତ ୨୦୨୫ ନଭେମ୍ବର ମାସରେ ଜଳ ସମ୍ପଦ ବିଭାଗକୁ ପଠାଇ ଦିଆ ଯାଇଥିଲା। କିନ୍ତୁ ଉକ୍ତ ଟଙ୍କା ଆଜି ପର୍ଯ୍ୟନ୍ତ ମଞ୍ଜୁରୀ କରାଯାଇ ନ ଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏ ନେଇ ଚଳିତ ବର୍ଷ ଗତ ଫେବୃଆରୀ ମାସ ୨୪ତାରିଖରେ କ୍ଷତିଗ୍ରସ୍ତ ଚାଷୀମାନେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ଚଳିତ ମାସ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଉକ୍ତ ଅଟକଳ ରାଶି ମଞ୍ଜୁର ନ କରାଗଲେ ବାଧ ହୋଇ ମାର୍ଚ୍ଚ ୨୦ ତାରିଖରେ ରାୟଗଡା କ୍ଷୁଦ୍ର ଜଳସେଚନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ ଜଣାଇଥିଲେ। ଯାହାକୁ ନେଇ ଆଜି ପୂଜାରୀଗୁଡା ଗ୍ରାମର ୩୦ ଜଣ ଜମିହରା ଚାଷୀ ୬ ଘଣ୍ଟା କାଳ ଅଫିସରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିଥିଲେ। ତେବେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୩ ମାସରେ କ୍ଷତିପୂରଣ ପ୍ରଦାନ ପ୍ରତିଶୃତି ଦେଲେ ଅଧିକାରୀ

# ବୃଦ୍ଧଙ୍କ ଆତ୍ମହତ୍ୟା

ଗୁଣୁପୁର, ୨୦।୩(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ଢେପ ଭଣ୍ଡାରି ସାହିରେ ଜଣେ ବୃଦ୍ଧ ବେକରେ ଲୁଗାଦେଇ ଘର ଭିତରେ ଫ୍ୟାନ୍‌ରେ ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ବ୍ୟକ୍ତି ଜଣକ ହେଲେ ସୋମନାଥ ଦାସ (୬୨)। ତାଙ୍କ ନିଜ ଘର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ୍ ଜିଲ୍ଲା ଟେକିଲି ମଣ୍ଡଳ ପୋଲାଭରମ ଗ୍ରାମରେ। ସେ ବିଶାଖପାଟଣା ନିକଟରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ କିଛି ମାସ ପୂର୍ବେ ସ୍ୱାମୀ ଓ ସ୍ତ୍ରୀ ଉଭୟ ଗୁଣୁପୁରକୁ ଆସିଥିଲେ। ଏଠାରେ ଘର ଭଡା ନେଇ ରହୁଥିଲେ। ପତ୍ନୀଙ୍କ ଦେହ ଖରାପ ଥିବାରୁ ତାଙ୍କ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ତାଙ୍କ ପରିବାର ସମ୍ପର୍କୀୟଙ୍କ ଠାରୁ ଜଣାପଡିଥିଲା। ଆଜି ସକାଳେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପୋଲିସ୍ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି।

# ମାଲକାନଗିରି ବିମାନ ବନ୍ଦରର ବିକାଶ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

ମାଲକାନଗିରି,୨୦।୩ (ସମିସ):




ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି କାର୍ଯ୍ୟ ଏବଂ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ବିମାନବନ୍ଦରର ବିଭିନ୍ନ ବୈଷୟିକ ଦିଗ ଏବଂ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ମାଲକାନଗିରି ଉପ-ଜିଲ୍ଲାପାଳ ଉପସ୍ଥିତ ଥିଲେ। ବିମାନବନ୍ଦର ପରିସରରେ ରହିଥିବା ବିଭିନ୍ନ ଭିତ୍ତିଭୂମି ସମସ୍ୟା ଓ ଏହାର ସମାଧାନ ନେଇ ଅଧିକାରୀମାନଙ୍କ ସହ ଜିଲ୍ଲାପାଳ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପାଳ ବିମାନବନ୍ଦର ସମ୍ବନ୍ଧୀୟ ଜମି କିମ୍ବା ଅନ୍ୟାନ୍ୟ ଗଣନା କାର୍ଯ୍ୟ ଶେଷ କରି ଆସନ୍ତା ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ତହସିଲ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ମଧ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିମାନବନ୍ଦରର ସୁରକ୍ଷା ପାଇଁ ଉପଲବ୍ଧ ପୋଲିସ ବାହିନୀ ଦ୍ୱାରା ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପ-ଜିଲ୍ଲାପାଳ ଏବଂ ଆରଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ପୂର୍ବରୁ ସମସ୍ତ ପ୍ରକାର ବାଧାବିଘ୍ନ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ● ସୋମବାର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

# ୪ର୍ଥ ପ୍ରହର ନାମ ସଂକୀର୍ତ୍ତନ

ଟିକିରି,୨୦।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ପୁରୁଣା ବ୍ୟାଙ୍କ ସାହିଠାରେ ହିନ୍ଦୁ ନବବର୍ଷ ଅବସରରେ ବିଶ୍ୱଶାନ୍ତି ପାଇଁ ୪ର୍ଥ ପ୍ରହର ଅଖଣ୍ଡ ନାମଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଟିକିରି ବଡ଼ ବନ୍ଧ ଠାରୁ କଳସ ଯାତ୍ରା ଗଙ୍ଗା ଆବାହନ ପରେ ଆରମ୍ଭ ହୋଇଥିଲା। ଗୁରୁବାର ଭୋର ୪ଟାରୁ ନାମ ସଂକୀର୍ତ୍ତ ଆରମ୍ଭ ହୋଇ ସନ୍ଧ୍ୟା ୪ଟାରେ ନାମ ଶେଷ ପରେ ଦଧି ହାଣ୍ଡି ଭଙ୍ଗାଯାଇ ନଗର ପରିକ୍ରମା ହୋଇଥିଲା। ଦିନ ସାରା ପ୍ରାୟ ୨ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜକ ସଞ୍ଜୟ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସନ୍ତୋଷ ମହାନ୍ତି, ରାମମୋହନ ମହାନ୍ତି, ବୁଲୁମିଶ୍ର, ଶଙ୍କର ତ୍ରିପାଠୀ, କାହ୍ନୁ ଚରଣ ବେହେରା, କୁନା ପଣ୍ଡା, ସାଇରାମ ସୁବୁଧି, ଶ୍ରୀକାନ୍ତ ବେହେରା ଏବଂ ସାହିର ସମସ୍ତ ମହିଳାମାନେ ପୂର୍ଣ ସହଯୋଗ କରିଥିଲେ।

# ହୃଦ୍‌ଘାତରେ ବ୍ଲକ୍ ଯନ୍ତ୍ରୀଙ୍କ ପରଲୋକ

ଟିକିରି,୨୦।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଦରାସାହି ଛକରେ ଥିବା ଏକ ଡରମିଟରରୁ ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ଉଷାପଡା ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ପରୀକ୍ଷା ପରେ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଶିବ ଓରାମ। ସେ କାଶିପୁର ବ୍ଲକରେ ଯନ୍ତ୍ରୀ ଭାବେ ଗୋଟିଏ ଦିନ ପୂର୍ବରୁ ଯୋଗ ଦେଇଥିଲେ। ଶୁକ୍ରବାର ଦିନ ତାଙ୍କ ଭାଇ ସହ କାଶିପୁର ଯିବାପାଇଁ ବାହାରିଥିଲେ ଟିକିରି ବସଷ୍ଟାଣ୍ଡ ନିକଟରେ ଝାଡା ଲାଗିବାରୁ ପୁଣିଥରେ ଡରମିଟରକୁ ଯାଇ ଶୌଚ ହେବାପାଇଁ ପାଇଖାନାରେ ପସି ନବାହାରିବାରୁ ବହୁ ସମୟପରେ ତାଙ୍କ ଭାଇ ତାଙ୍କୁ ଉଦ୍ଧାର କରି ଉଷାପଡା ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଟିକିରି ଆଇଆଇସି ଦିନକୃଷ୍ଣ ମିଶ୍ର ସହ ପୁଲିସ ଟିମ୍ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏନେଇ ଟିକିରି ପୁଲିସ ତଦନ୍ତ କରୁଛି।

# ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟିର ବୈଠକ

ପାପଡାହାଣ୍ଡି, ୨୦।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଗ୍ରାମ୍ୟ ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା. ଗ୍ରାମ୍ୟ ନାଗରିକ କମିଟି ସଭାପତି ବି. ଜଗନ ମୋହନ ରାଓ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ଅଗ୍ରୱାଲ, ଉପସଭାପତି ଜି. ଆନନ୍ତମୂର୍ତ୍ତି, ଉପସଭାପତି ତ୍ରିନାଥ ପ୍ରଧାନ ଉପ ସଭାପତି ରମେଶ ସତନାମୀ, ସମ୍ପାଧକ ଏନ.ଜନାର୍ଦନ ରାଓ ସହ ସମ୍ପାଧକ ନୀଳକଣ୍ଠ ତ୍ରିପାଠୀ ଉପସ୍ଥିତ ରହିଥିଲେ। ବୈଠକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜାତୀୟ ରାଜପଥ ୨୬ ପାଇଁ ତହସିଲ କାର୍ଯ୍ୟାଳୟ ତରଫରୁ ରାସ୍ତାର ଦୁଇ ପାର୍ଶ୍ୱରେ ୩୩ ଫୁଟ ଓସାର ପାଇଁ ଚିହ୍ନଟ କରାଯାଇଛି। ବର୍ତ୍ତମାନ ଦୋକାନ ବଜାର ଉଚ୍ଛେଦ ହେବା ନେଇ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ୧୫୦ରୁ ଅଧିକ ବ୍ୟବସାୟୀ ନିଜ ବ୍ୟବସାୟ ହରାଇବା ସହ ପରିବାର ପ୍ରତିପୋଷଣକୁ ନେଇ ଚିନ୍ତାରେ ପଡିଛନ୍ତି। ଏନେଇ ପୂର୍ବରୁ ଗ୍ରାମବାସୀ ବାଇପାସ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଜିଲ୍ଲପାଳ ଓ ତହସିଲଦାରକୁ ଲିଖିତ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହ। ଏନେଇ ଗ୍ରାମବାସୀ ସାଂସଦ ବଳଭଦ୍ର ମାଝୀକୁ ଯୋଗାଯୋଗ କରିବାରୁ ସେ ସୋମବାର ଦିନ ଗ୍ରାମ୍ୟ କମିଟି ସହ ଆଲୋଚନା କରିବା ପାଇ ସମୟ ଦେଇଛନ୍ତି। ଗ୍ରାମର ଅନେକ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଶଶୀମୋହନ ଶର୍ମା, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ, ଗଙ୍ଗା ନାୟକ, ପ୍ରଫୁଲ୍ଲ ବିଷୋୟୀ, ତରଣୀ କଶ୍ୟପ, ଶ୍ରୀନିବାସ ରାଓ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଏଫ୍‌ଇଏସ୍ ପକ୍ଷରୁ ମହିଳା ପକ୍ଷ ପାଳନ

ପଟାଙ୍ଗି,୨୦।୩(ସମିସ): ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟି (ଏଫ୍‌ଇଏସ୍) କୋରାପୁଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ୧ ମାର୍ଚ୍ଚରୁ ୧୫ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ 'ମହିଳା ପକ୍ଷ' ପାଳନ କରାଯାଇଥିଲା। ସଂସ୍ଥାର କାର୍ଯ୍ୟକ୍ଷେତ୍ର ଥିବା ପଟାଙ୍ଗି, ସେମିଳିଗୁଡ଼ା, କୋରାପୁଟ, କୁନ୍ଦ୍ରା ଓ ବୋରିଗୁମ୍ମା ବ୍ଲକ୍‌ର ବିଭିନ୍ନ ଗ୍ରାମ ଓ ପଞ୍ଚାୟତରେ ଏହି ଅବସରରେ ସମୁଦାୟ ସଭା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହିଳା ପକ୍ଷ ଅବଧିରେ ପ୍ରତିଦିନ ଭିନ୍ନ ଭିନ୍ନ ପଞ୍ଚାୟତ ଓ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସହିତ ଘରୋଇ ଓ ସାମାଜିକ ଜୀବନରେ ମହିଳାମାନେ କରୁଥିବା ବେତନ ନ ପାଉଥିବା କାମର ତାଲିକା ପ୍ରସ୍ତୁତ କରି ସେହି କାମର ମୂଲ୍ୟ ଓ ଗୁରୁତ୍ୱ ବିଷୟରେ ସମୁଦାୟକୁ ସଚେତନ କରାଯାଇଥିଲା। ଏହା ସହିତ ଟୁଲ୍ସ ଓ ଟେକ୍ନୋଲୋଜି ବ୍ୟବହାର ଓ ଦେଶୀ ମଞ୍ଜି ସଂରକ୍ଷଣ, ପାରମ୍ପରିକ ଖେଳ, ନୃତ୍ୟ ଓ କାହାଣୀ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ମହିଳା, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, କିଶୋରୀ ଝିଅମାନେ ଓ ସମୁଦାୟ ନେତାମାନେ ସକ୍ରିୟ ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକୁ ଏଫ୍.ଇ.ଏସ୍ ସଂସ୍ଥାର କେ. ମୁରଲୀ କ୍ରିଷ୍ଣା, ତପନ ଖସଲା, କୃତିକା ମହାନ୍ତି, ରଘୁରାମ ମୁଠାଇ, ଆଲୋକ ମହାରଣା, ସନା ଯାନୀ, ସୁରେଶ ଚୌଧୁରୀ, ଦିଲ୍ଲୀପ ଖସଲା, ତ୍ରିନାଥ ଗୁଣ୍ଡା, ଦିଲ୍ଲୀପ ଚମ୍ପି, ଆଦର୍ଶ କାଟେଙ୍ଗେ, ମହନ ଯାନୀ, ବିଶ୍ୱନାଥ ତାଡିଙ୍ଗି, ପ୍ରଶାନ୍ତ ପାଙ୍ଗି ଓ ରମେଶ ଚୌଧୁରୀଙ୍କ ସହ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗୋଷ୍ଠୀ ସାଧନ ବ୍ୟକ୍ତିମାନେ ମିଳିତ ଭାବରେ ଆୟୋଜନ ଓ ପରିଚାଳନାରେ ମୁଖ୍ୟ ଭୂମିକା ନିଭାଇଥିଲେ।

# ଶର୍ମିଷ୍ଠା ଦେଓ ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ମନୋନୀତ



ନବରଙ୍ଗପୁର,୨୦।୩(ସମିସ): ନବରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ କାଉନ୍‌ସିଲର ଶର୍ମିଷ୍ଠା ଦେଓଙ୍କୁ ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସେ ଭାରତୀୟ ଜନତା ପାର୍ଟିର ଜଣେ ନିଷ୍ଠାପର କର୍ମକର୍ତ୍ତା ଭାବେ ସର୍ବଦ ଦଳର ସେବା କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସମ୍ପାଦିକା ଭାବରେ ସୁଶ୍ରୀ ଶତାବ୍ଦୀ ପାଳ ମନୋନୀତ ହୋଇଛନ୍ତି।

## ଅବହେଳିତ ଅଙ୍ଗନବାଡି କେନ୍ଦ୍ର

# ଆବାସ ଘରେ ଚାଲିଛି ଶିଶୁଙ୍କ ଶିକ୍ଷାଦାନ



କଲ୍ୟାଣସିଂହପୁର,୨୦।୩(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର କତାଗୁଡା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଦୀର୍ଘଦିନ ଧରି ଅବ୍ୟବସ୍ଥାରେ ପଡ଼ିରହିଛି। କେନ୍ଦ୍ରର ଛାତରୁ ସିମେଣ୍ଟ ଖସି ପଡିବା ସହ ଲୁହା ଛଡ଼ ବାହାରିଛି ଏବଂ କୋଠାରେ ସ୍ଥାନେ ସ୍ଥାନେ ଫାଟ ହୋଇ ସମ୍ପୂର୍ଣ ଅଚଳ ରହିଥିବା ନେଇ ଗ୍ରାମବାସୀ ପ୍ରାୟ ୮ମାସ ହେବ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପ୍ରଶାସନ ପ୍ରତିଶ୍ରୁତି ପରେ ମଧ ଭୁଲିଯାଇଛି ନା ନିଦ୍ରାରେ ଲିପ୍ତ ଅଛନ୍ତି ଓ କୌଣସି ସ୍ପଷ୍ଟ ପଦକ୍ଷେପ ଆଜି ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ଅସୁରକ୍ଷିତ ପରିସ୍ଥିତି ଦେଖି ଛୋଟ ଛୋଟ ଶିଶୁମାନଙ୍କୁ ସେଠାରେ ପ୍ରାକ୍-ଶିକ୍ଷା ଦେବାକୁ ଅସୁବିଧା ହେଉଥିବାରୁ ପ୍ରାୟ ୧୨ ବର୍ଷ ହେଲା ଗ୍ରାମର ତିଆକା ତିଲେଙ୍କ ଆବାସ ଘରେ ଅଙ୍ଗନବାଡି କାର୍ଯ୍ୟକ୍ରମ ଚାଲିଆସୁଛି। ଘରେ ଏବେ ପ୍ରାକ୍-ଶିକ୍ଷା, ପୋଷଣ, ଗର୍ଭବତୀ ମହିଳା, କିଶୋରୀ ବାଳିକା ଓ ଶିଶୁମାନଙ୍କ ପାଇଁ ସମସ୍ତ କାର୍ଯ୍ୟକ୍ରମ ଚାଲିଛି। ଅଙ୍ଗନବାଡି କର୍ମୀ ମନୁ ନାୟକ ସୂଚାରୁ ଭାବେ କାର୍ଯ୍ୟ ସଂଚାଳନ କରୁଥିବା ସତ୍ତ୍ୱେ ଗ୍ରାମରେ ସ୍ଥାୟୀ ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ସମ୍ପର୍କରେ ଶିଶୁ ବିକାଶ ଓ ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମମତା ରାଣୀ ଦାସ କହିଛନ୍ତି ଯେ, ଉପରିସ୍ଥ ଅଧିକାରୀଙ୍କୁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଲିଖିତ ଭାବେ ଜଣାଇଛି ଏବଂ ଅନୁମତି ମିଳିଲେ ମରାମତି କିମ୍ବା ନୂତନ ଗୃହ ନିର୍ମାଣ କରାଯିବ। ଅନ୍ୟପଟେ କହିବାକୁ ଗଲେ ବର୍ଷ ପରେ ବର୍ଷ ବିତିଯାଉଥିବା ସତ୍ତ୍ୱେ କୌଣସି ପ୍ରସ୍ତୁତି ନ ହେବାରୁ ପ୍ରଶାସନର ଅବହେଳା ପ୍ରକାଶ ପାଉଛି। ଫଳରେ ଛୋଟ ଛୋଟ ଶିଶୁମାନେ ଆଜି ବି ଆବାସ ଘରେ ଅସୁବିଧାରେ ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ଗ୍ରାମର ଲେଲି କନ୍ଧପାଣି, ବଳରାମ କୌଶଲ୍ୟା,ଜାଗିଲି କନ୍ଧପାଣି,ପବିତ୍ର ପାଳାକା,କାସିପତି ପାଳାକା,କାମେଶ୍ୱର କରକରିଆ ଓ ଦେବେନ୍ଦ୍ର ପାଳାକା ଅଭିଯୋଗ କରିଛନ୍ତି।

## ● ଅଦିନିଆ ବର୍ଷା

# ମଣ୍ଡିରେ ଧାନ ନଷ୍ଟ ହେବା ଭୟରେ ଚାଷୀ

ମାଲକାନଗିରି, ୨୦।୩(ସମିସ): ମାଲକାନଗିରି ଜିଲ୍ଲାରେ ଗତ ୩ ଦିନ ଧରି ସନ୍ଧ୍ୟା ହେଲେ ବର୍ଷା ହେଉଥିବା ବେଳେ ଏହି ବର୍ଷା ଜିଲ୍ଲାର ଚାଷୀଙ୍କ ପାଇଁ ଚିନ୍ତା ବଢାଇ ଦେଇଛି। ଜିଲ୍ଲାର ଉଷ୍ମ ପରିବେଶକୁ ଏହି ବର୍ଷା ଥଣ୍ଡା କରିଛି ସତ, କିନ୍ତୁ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଧାନ ମଣ୍ଡି ପରିସରରେ ପଡି ରହିଥିବା ଶହ ଶହ ବସ୍ତା ଧାନ ପାଣି ଖାଉଥିବା ଅଭିଯୋଗ ହୋଇଛି।



କିଛି ମଣ୍ଡିରେ ଖୋଲା ଆକାଶ ତଳେ ଧାନ ବସ୍ତା ରହିଥିବା ବେଳେ ଅନ୍ୟ କିଛି ମଣ୍ଡିରେ ବସ୍ତା ଗୁଡିକରେ ପାଣି ପଡିବାରୁ ଧାନ ଓଦା ହୋଇଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଚାଷୀ ମାନେ ଚିନ୍ତାରେ ପଡିଛନ୍ତି। ଏପରିକି କିଛି ସ୍ଥାନରେ ଧାନ ବସ୍ତା ଗୁଡିକ ଓଦା ହୋଇଯାଇଥିବା ବେଳେ ଚାଷୀ ଧାନକୁ ସୁରକ୍ଷିତ ରଖିବା ପାଇଁ ଜରି ପାଲ ଘୋଡାଇ ରଖିଥିବା ବେଳେ କିଛି ସ୍ଥାନରେ ଓଦା ଧାନକୁ ଚାଷୀ ମାନେ ଶୁଖାଉ ଥିବା ଦେଖିବାକୁ ମିଳିଛି। ତେବେ ଓଦା ହୋଇ ଧାନ ନଷ୍ଟ ହେବାର ସମ୍ଭାବନା ଥିବା ବେଳେ ଏହାକୁ ନେଇ ଚାଷୀ ମାନେ ଚିନ୍ତାରେ ପଡି ଯାଇଛନ୍ତି। ତୁରନ୍ତ ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ଧାନ ଗୁଡିକୁ କ୍ରୟ କରିବା ପାଇଁ ଚାଷୀକୁଳ ନିବେଦନ କରିଛନ୍ତି।

# ଏବିଭିପିର ବିଶ୍ୱ ପଖାଳ ଦିବସ

ଗୁଣୁପୁର, ୨୦।୩(ସମିସ): ଗୁଣପୁର ନଗରର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନୂତନ ଓ ପୁରାତନ କାର୍ଯ୍ୟକର୍ତ୍ତାମାନେ ବିଶ୍ୱ ପଖାଳ ଦିବସ ପାଳନ କରିଛନ୍ତି। ସମସ୍ତ କାର୍ଯ୍ୟକର୍ତା ଓ ଅତିଥି ପଖାଳ ଦିବସରେ ବନ୍ଧୁ ମିଳନ କରିଛନ୍ତି। ଏହି ପଖାଳ ଦିବସକୁ ବିଭାଗ ପ୍ରମୁଖ ଉମା ଦାଶ, ଜିଲ୍ଲା ପ୍ରମୁଖ ଶେଷ ସାୟୀ ସେନାପତି, ବି.ସତୀଶ କୁମାର, ଦେବାଶୀଷ ସେନାପତି, ପ୍ରିୟବ୍ରତ ରଥ, ସନ୍ଦୀପ ଆଶେ, କାରଣ ଗୁରୁଜୀ, ପ୍ରଫୁଲ୍ଲ ଶତପଥୀ, ଇନ୍ଦ୍ରାଖୀ ଦାଶଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ ନେତା ରାମ ପଣ୍ଡା, ବିଷ୍ଣୁ ପଣ୍ଡା ଓ ଦେବୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

